## ପାଇପ୍ ପାଇଁ ରାସ୍ତା ଅବସ୍ଥା ବେହାଲ

# ବର୍ଷେ ପୂରିବାକୁ ବସିଲାଣି, ସରିନି ପାଇପ୍ କାମ

**ବଲାଙ୍ଗିର/ଲୋଇସିଂହା, ୧୯।୨(ସମିସ)**

ରାଜ୍ୟରେ ବିଜେପି ସରକାର ଆସିବା ପରେ ପାନୀୟ ଜଳ ବ୍ୟବସ୍ଥାକୁ ଗୁରୁତ୍ୱ ଦେଇଥିଲେ।ଏପରିକି ବିଭାଗୀୟ ମନ୍ତ୍ରୀ ନିଜେ ପାନୀୟ ଜଳପ୍ରକଳ୍ପ ସମ୍ପର୍କିତ କାମ କରୁଥିବା ଠିକା ସଂସ୍ଥା କାମରେ ବିଳମ୍ବ କଲେ କିମ୍ବା ଅଭିଯୋଗ ଆସିଲେ ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। କିନ୍ତୁ ଲୋଇସିଂହା ସଦର ପଞ୍ଚାୟତରେ ସରକାରଙ୍କ ନିର୍ଦ୍ଦେଶକୁ ବେଖାତିର କରାଯାଇଥିବା ଅଭିଯୋଗ ହୋଇଛି। ହର ଘର ଜଳ ଯୋଜନାରେ ଲୋଇସିଂହାକୁ ପାନୀୟ ଜଳ ଯୋଗାଣ କରିବା ପାଇଁ ବିଛାଯାଉଥିବା ପାଇପ୍ କାମର ଅବଧି ସରିଯାଇଛି। କିନ୍ତୁ ଆହୁରି ଦୁଇରୁ ତିନି ମାସ ଲାଗିବ ବୋଲି ଠିକସଂସ୍ଥା ପକ୍ଷରୁ କୁହାଯାଇଛି। ଠିକାସଂସ୍ଥା ପାଇପ ପକାଇବା ପାଇଁ ଗାଁର ସବୁଆଡେ ଖୋଳି ଦେଇଥିବା ବେଳେ ମରାମତି ମଧ୍ୟ କରିନାହିଁ। ଫଳରେ ଗତ ପ୍ରାୟ ବର୍ଷେ ହେଲା ଲୋଇସିଂହାବାସୀ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି।

କେନ୍ଦ୍ର ସରକାରଙ୍କ ହର ଘର ନଳ ଯୋଜନାରେ ଲୋଇସିଂହାର ସମସ୍ତ ଘରକୁ ପାନୀୟ ଜଳ ଯୋଗାଇ ଦେବା ବ୍ୟବସ୍ଥା ହୋଇଥିଲା।ଏହିକ୍ରମରେ ପୂର୍ବରୁ ବିଛାଯାଇଥିବା ପାଇପ ବଦଳରେ ନୂତନ ଭାବେ ଗାଁର ସବୁଆଡେ ପାଇପ ବିଛାଇବା ଓ ଓଭରହେଡ ଟ୍ୟାଙ୍କ ନିର୍ମାଣ କରିବା ପାଇଁ ସବ୍ୟସାଚୀ ସାହୁ ନାମକ ଜଣେ ଠିକାଦାରଙ୍କୁ ଟେଣ୍ଡର ଦିଆଯାଇଥିଲା। ଗତ ମାର୍ଚ୍ଚ ମାସରୁ ପାଇପ ବିଛା କାମ ଆରମ୍ଭ ହୋଇଥିବା ବେଳେ ସେହି ବର୍ଷ ସେପ୍ଟେମ୍ବର ମାସରେ ସରିବା କଥା। କିନ୍ତୁ ଆଜି ପର୍ଯ୍ୟନ୍ତ କାମ ସରିନଥିବା ଦେଖିବାକୁ ମିଳିଛି।



ଦୁର୍ଦ୍ଦଶା ଭୋଗୁଛନ୍ତି ଲୋଇସିଂହାବାସୀ

ଗାଁର ସବୁ ଅଞ୍ଚଳକୁ ପାଇପ ବିଛା କାମ ସରିନଥିବା ବେଳେ ଠିକାଦାର ଜଣକ ମନମୁଖୀ କାରବାର କରୁଥିବା ଅଭିଯୋଗ ହୋଇଛି। ଗତ ବର୍ଷ ବର୍ଷା ସମୟରେ ଅନେକ ସ୍ଥାନରେ ପାଇପ ବିଛାଇବା ପାଇଁ ରାସ୍ତା ଖୋଳି ଦେଇଥିବା ବେଳେ ଅନେକ ଦୁର୍ଘଟଣାର ଶୀକାର ହୋଇଥିଲେ। କିଛି ଦିନ ପୁଣି କାମ ବନ୍ଦ କରିଦେଇ କିଛି ମାସ ହେଲା ପୁଣି କାମ ଆରମ୍ଭ ହୋଇଛି। ଫଳରେ ଯେଉଁ ସ୍ଥାନରେ ପାଇପ ବିଛା ସରିଯାଇଛି ସେହି ଅଞ୍ଚଳର ରାସ୍ତାକୁ ମରାମତି କରିବା କଥା କିନ୍ତୁ ପାଣି ଯୋଗାଣ ପରୀକ୍ଷା କରିବା ନାମରେ ଠିକାଦାର ଜଣକ ଦିନ ଗଡ଼ାଇ ଚାଲିଥିବା ଅଭିଯୋଗ ହୋଇଛି। କାମରେ ବିଳମ୍ବ କରୁଥିବାରୁ ଗ୍ରାମ୍ୟ ପାନୀୟଜଳ ଯୋଗାଣ ବିଭାଗ ପକ୍ଷରୁ ଠିକାଦାରକୁ ବାରମ୍ବାର ତାଗିଦ କରାଯିବା ସତ୍ତ୍ୱେ ସେ ତାଗିଦକୁ ଗୁରୁତ୍ୱ ଦେଉନଥିବା ମନେ ହେଉଛି। ଏନେଇ ବିଭାଗୀୟ ଯନ୍ତ୍ରୀଙ୍କୁ ପଚାରିବାରୁ ସମ୍ପୃକ୍ତ ଠିକାଦାରକୁ ଏନେଇ ବାରମ୍ବାର ତାଗିଦ କରାଯାଉଛି। ଯେଉଁ ସମୟରେ ସରିବା କଥା ତାହା ସରିନାହିଁ। ବହୁ ଦିନ ବିତିଗଲାଣି ଲୋକେ ଏନେଇ ଅନେକ ଅଭିଯୋଗ ମଧ୍ୟ କରିଛନ୍ତି। ଯାହାକୁ ନେଇ ପୁଣି ଥରେ ଠିକାଦାର ବିରୋଧରେ ଉପରିସ୍ଥ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇବୁ ବୋଲି କହିଛନ୍ତି। ସମ୍ପୃକ୍ତ ଠିକାଦାର ନିଜେ ମଧ୍ୟ କାମ ରେ ବିଳମ୍ବ ହୋଇଥିବା ସ୍ୱୀକାର କରିଛନ୍ତି। ଶୀଘ୍ର ଖୋଳାଯାଇଥିବା ରାସ୍ତା ଗୁଡିକର ମରାମତି କରିଦେବେ ବୋଲି କହିଛନ୍ତି। ଏହି ପାଇପ ବିଛାଇବା କାମରେ ଗାଁର ସମସ୍ତ ବସ୍ତି, ପଡ଼ାରାସ୍ତାକୁ ଖୋଳି ଦେଇଥିବାରୁ ସବୁ ରାସ୍ତା ବିପଦସଙ୍କୁଳ ଅବସ୍ଥାରେ ରହିଛି।ପ୍ରତିଦିନ ରାସ୍ତା ପାଇଁ ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳିଛି। ଗାଁର କିଛି ଅଂଶ ରାସ୍ତା ପେଭର ବ୍ଲକ ପକାଯାଇଥିବା ବେଳେ ସେହି ରାସ୍ତାକୁ ମଧ୍ୟ ଖୋଳି ଦିଆଯାଇଛି।ଯାହାକି ଅତି ବିପଦ ସଙ୍କୁଳ ହୋଇ ରହିଥିବା ଅଭିଯୋଗ ହୋଇଛି। ଏନେଇ ଗ୍ରାମବାସୀ ଜିଲ୍ଲା ପ୍ରଶାସନର ମଧ୍ୟ ଦ୍ୱାରସ୍ଥ ହୋଇଛନ୍ତି। ତେବେ ବିଜେପି ସରକାରକୁ ଆସିବା ପରେ ପାନୀୟ ଜଳ ସମ୍ପର୍କିତ କାମ କରୁଥିବା ଠିକାଦାରଙ୍କ ମନମୁଖୀ କାରବାରକୁ ନେଇ ତାଙ୍କୁ ତିଗିଦ କରିଥିଲେ। ଅବହେଳା କରୁଥିବା ଠିକାଦାରଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ସମ୍ପୃକ୍ତ ଠିକାଦାର ଜଣକ କିଛି ବିଜେପି ନେତାଙ୍କୁ ହାତବାରିସୀ କରି ମନମୁଖୀ କାରବାର ଚଳାଇଥିବା ଅଭିଯୋଗ ହୋଇଛି। ସମ୍ପୃକ୍ତ ଠିକାଦାର ବିରୋଧରେ ବିଭାଗୀୟ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ କାମ ଶୀଘ୍ର ସାରିବା ବ୍ୟବସ୍ଥା ପାଇଁ ଦାବି ହୋଇଛି।

## କୂଅ ଭିତରୁ ୱାର୍ଡମେମ୍ବରଙ୍କ ମୃତଦେହ ଉଦ୍ଧାର

### ହତ୍ୟା ଅଭିଯୋଗ ଆଣିଲେ ପରିବାର

**ବଲାଙ୍ଗିର, ୧୯।୨(ସମିସ):** ବଲାଙ୍ଗିର ଜିଲ୍ଲା ପୁଇଁତଲା ଥାନା ଅର୍ନ୍ତଗତ ପଦ୍ମପୁର ଗ୍ରାମରେ ଥିବା ଏକ କୂଅରୁ ଜଣେ ବ୍ୟକ୍ତିଙ୍କ ଗଳିତ ମୃତଦେହ ଉଦ୍ଧାର ହୋଇଛି। ମୃତବ୍ୟକ୍ତି ରଣ୍ଡା ପଞ୍ଚାୟତ ପଦ୍ମପୁର ଗ୍ରାମର ୱାର୍ଡମେମ୍ବର ବସୁଦେବ ପଶାୟତ(୪୫) ବୋଲି ଜଣାପଡ଼ିଛି। ପରିବାର ଲୋକ ହତ୍ୟା ଅଭିଯୋଗ ଆଣିଛନ୍ତି। ତାଙ୍କର କହିବା ଅନୁସାରେ ଗତ ୪ ଦିନ ହେଲା ବସୁଦେବ ନିଖୋଜ ଥିଲେ।ଏନେଇ ପରିବାର ଲୋକେ ପୁଇଁତଲା ଥାନାରେ ଲିଖିତ ଅଭିଯୋଗ ମଧ୍ୟ କରିଥିଲେ। ନିଖୋଜ ହେବାଦିନ ବସୁଦେବ ରଣ୍ଡା ଛକ ନିକଟରେ କିଛି ବ୍ୟକ୍ତିଙ୍କ ସହିତ ପାଟିତୁଣ୍ଡ ହୋଇଥିବା ପରିବାରଲୋକ ଅଭିଯୋଗ କରିଥିଲେ। ନିଖୋଜ ମାମଲାର ତଦନ୍ତ କରିବାକୁ ପୁଇଁତଲା ପୁଲିସ ପଦ୍ମପୁର ଗ୍ରାମକୁ ଯାଇଥିବା ବେଳେ ଗ୍ରାମରେ ଥିବା ଏକ କୂଅରୁ ତାଙ୍କର ମୃତଦେହ ପଡ଼ିଥିବା ଦେଖିଥିଲା। ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିବାବେଳେ ପୁଲିସ ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି।

## ଅଙ୍ଗନବାଡ଼ି କର୍ମୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଖପ୍ରାଖୋଲ, ୧୯ ।୨(ସମିସ):** ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ଖପ୍ରାଖୋଲ ବ୍ଲକ ସଦମହକୁମାରେରେ ଏକ ଅଭାବନୀୟ ଘଟଣା ଘଟିଛି।ଖପ୍ରାଖୋଲ ଗ୍ରାମର ପୋଡମୁଡ଼ ୱାର୍ଡରେ କାର୍ଯ୍ୟ ରତ ଅଙ୍ଗନବାଡ଼ି କର୍ମି ବୁଧବାର ଅପରାହ୍ନରେ ଖପ୍ରାଖୋଲସ୍ଥିତ ବାସଭବନରେ ବେକରେ ଶାଢୀ ଲଗାଇ ଆତ୍ମହତ୍ୟା କରିଥିବା ଘଟଣା ସାରା ଖପ୍ରାଖୋଲରେ ଚହଳ ପକାଇଛି। ସୂଚନା ଅନୁଯାୟୀ ଆଜି ସ୍ୱାମୀ କଳାପିକ ବରିହା ଓ ନିଜେ ଟୁନି ବେହେରା ଉଭୟ ଘରେ ଅପରହ୍ନରେ ଶୋଇଥିବା ବେଳେ ଟୁନି ବେହେରା ଶୌଚ ପାଇଁ ବାହାରକୁ ଯାଇଥିଲେ।ଅନେକ ସମୟ ବିତି ଯିବା ପରେ ସେ ନଫେରିବାରୁ ସ୍ୱାମୀ କଳାପିକ ବରିହା ବାହାରକୁ ବାହାରି ଦେଖିଥିଲେ। ଟୁନିକୁ ନ ପାଇବାରୁ ସେ ଅନ୍ୟ ରୁମକୁ ଦେଖିବାରୁ ସେ ବେକରେ ଶାଢୀ ଦେଇ ଆତ୍ମହତ୍ୟା କରିଥିବା ଦେଖିବାକୁ ପାଇଥିଲେ। ଖପ୍ରାଖୋଲ ପୁଲିସକୁ ଖବର ଦେଇଥିଲେ। ଖପ୍ରାଖୋଲ ପୁଲିସ ଘଟଣା ସ୍ଥଳକୁ ଆସି ଶବକୁ ଜବତ କରି ତଦନ୍ତ ଚଳାଇଛି। ପାରିପାର୍ଶ୍ୱିକ ପରିସ୍ଥିତିକୁ ଦେଖିବାକୁ ଗଲେ ଏହା ଆତ୍ମହତ୍ୟା ନା ଆଉ କଣ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ବିଷପିଇ ଶିକ୍ଷକଙ୍କ ଆତ୍ମହତ୍ୟା

**ଲୋଇସିଂହା, ୧୯।୨(ସମିସ):** ଲୋଇସିଂହା ଥାନା ଅନ୍ତର୍ଗତ କନ୍ଧାଯୁରୀ ଗ୍ରାମ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଦୀପକ ମିଶ୍ର ମଙ୍ଗଳବାର ରାତିରେ ବିଷପିଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଆତ୍ମହତ୍ୟା କାରଣ ସ୍ପଷ୍ଟ ହୋଇନଥିବା ବେଳେ ତାଙ୍କର ପେଶାଗତ ଜୀବନରେ କିଛି ସମସ୍ୟା ରହିଥିବା ଆଲୋଚନା ହେଉଛି।ସୂଚନା ଅନୁସାରେ କନ୍ଧାଯୁରୀ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ଥିବା ଶିକ୍ଷକ ଦୀପକ ମିଶ୍ର ମଙ୍ଗଳବାର ରାତ୍ରିରେ ନିଜ ପରିବାର ଲୋକ ଓ କିଛି ପାଖ ଲୋକଙ୍କ ସହ ଫୋନରେ କଥା ହୋଇଥିଲେ। ରାତିରେ ସେ କନ୍ଧାଯୁରୀ ସାପ୍ତାହିକ ବଜାରରେ ବିଷପିଇ ଆତ୍ମହତ୍ୟା କରିଥିଲେ। ସେ ଫୋନରେ କଥା ହେବା ସମୟରେ ଆତ୍ମହତ୍ୟା ବିଷୟ କହିଥିବା ବେଳେ ପରିବାର ଲୋକ ଖୋଜାଖୋଜି କରିଥିଲେ। ପରେ ରାତିରେ କନ୍ଧାଯୁରୀ ବଜାରରୁ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ଆଣିଥିଲେ।ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।ଏନେଇ ଲୋଇସିଂହା ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରି ଶବବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବୁଧବାର ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ■ ଗଞ୍ଜେଇ ଚାଲାଣ ହବ୍ ପାଲଟିଛି କଣ୍ଟାବାଞ୍ଜି ଷ୍ଟେସନ

## ଟ୍ରେନ୍ ଯୋଗେ ରାଜ୍ୟ ବାହାରକୁ ହେଉଛି ଚାଲାଣ

**କଣ୍ଟାବାଞ୍ଜି, ୧୯ ।୨(ସମିସ):** ଦାଦନ ଚାଲାଣର ରାଜଧାନୀ କୁହାଯାଉଥିବା କଣ୍ଟାବାଞ୍ଜି ରେଳ ଷ୍ଟେସନ ଏବେ ଗଞ୍ଜେଇ ଚାଲାଣ ହବ୍ ପାଲଟିଛି। କଣ୍ଟାବାଞ୍ଜି ଦେଇ ଅନେକ ଟ୍ରେନ ବିଭିନ୍ନ ରାଜ୍ୟକୁ ଯାଇଥାଏ। ଏହାର ସୁଯୋଗ ନେଇ କଣ୍ଟାବାଞ୍ଜି ଅଞ୍ଚଳ ଗଞ୍ଜେଇ ବେପାରୀମାନେ ପ୍ରତ୍ୟେକ ଦିନ କଣ୍ଟାବାଞ୍ଜି ରେଳ ଷ୍ଟେସନରେ କାର୍ଯ୍ୟରତ କିଛି ପୁଲିସଙ୍କ ସହ ହାତ ମିଳାଇ ଗଞ୍ଜେଇ କାରବାର କରୁଥିବା ଅଭିଯୋଗ ହେଉଛି। ଗତ କିଛି ଦିନ ତଳେ କଣ୍ଟାବାଞ୍ଜିର କାର୍ଯ୍ୟରତ ରେଳ ବିଭାଗର ଦୁଇ ଜଣ କର୍ମଚାରୀଙ୍କ ଠାରୁ ରାୟପୁର ଜିଆରପି ପୁଲିସ ପ୍ରାୟ ୧୯କେଜି ଗଞ୍ଜେଇ ଜବତ କରି ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଘଟଣା ଅଞ୍ଚଳରେ ଚର୍ଚ୍ଚା ବିଷୟ ହୋଇଛି। ସେପଟେ ଗଞ୍ଜେଇ କାରବାରରେ କଣ୍ଟାବାଞ୍ଜି ଜିଆର୍‌ପି ପୁଲିସ ଷ୍ଟେସନର କିଛି ଜଣ

**ଷ୍ଟେସନ ଭିତରେ ସିସିଟିଭି ଦାବି**

କର୍ମଚାରୀ ସମ୍ପୃକ୍ତ ରହି ଟ୍ରେନରେ ଗଞ୍ଜେଇ ଲୋଡ ଅନ୍ ଲୋଡ କରୁଥିବା ଅଭିଯୋଗ ହେଉଛି। କଣ୍ଟାବାଞ୍ଜି ରେଳ ଷ୍ଟେସନ ରୁ ପ୍ରତୋକ ଦିନ କୁଇଣ୍ଟାଲ କୁଇଣ୍ଟାଲ ଗଞ୍ଜେଇ ଟ୍ରେନ ଯୋଗେ ଛତିଶଗଡ଼, ହରିୟାଣା ଓ ରାଜସ୍ଥାନକୁ ଚାଲାଣ ହେଉଥିବା ବେଳେ ସେହି ବଡବଡିଆ ଗଞ୍ଜେଇ ବ୍ୟବସାୟୀଙ୍କ ବିରୋଧରେ କଣ୍ଟାବାଞ୍ଜି ଜିଆର୍‌ପି ଓ ଆରପିଏଫ୍ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ବେଳେ ଲୋକ ଦେଖାଣିଆ ଭାବେ ମଙ୍ଗଳବାର ମାତ୍ର ୩ କେଜି ଗଞ୍ଜେଇ ଧରି ଜିଆରପି ଓ ଆରପିଏଫ୍ ପୁଲିସ ବା ବା ନେବାକୁ ଉଦ୍ୟମ କରୁଥିବା ଅଭିଯୋଗ ହେଉଛି। ରେଳ ବିଭାଗ ତଦନ୍ତ କରି ଟ୍ରେନ ଯୋଗେ ଗଞ୍ଜେଇ କାରବାର କରୁଥିବା ପୋଷାକଧାରୀ ବାବୁମାନଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ କଣ୍ଟାବାଞ୍ଜି ରେଳ ଷ୍ଟେସନର ସବୁ ପ୍ଲାଟ୍ ଫର୍ମରେ ସିଟିଟିଭି ଲଗାଇବାକୁ ସାଧାରଣରେ ଦାବି ହେଉଛି।

### ଏକ୍ସ କ୍ୟାଡର ଶିକ୍ଷକଙ୍କ ଦୁଃଖ

## ଦିନମଜୁରି କାମ କରିବାକୁ ମାଗିଲେ ଛୁଟି

**ବଲାଙ୍ଗିର, ୧୯।୨(ସମିସ):** ବଲାଙ୍ଗିର ଜିଲ୍ଲାର ପୁଇଁତଲା ଓ ସଦର ବ୍ଲକରେ ଏକ୍ସ କ୍ୟାଡର ଶିକ୍ଷକଙ୍କ ଦରମା ସମସ୍ୟା ଦିନକୁ ଦିନ ଆହୁରି ଜଟିଳ ହେବାରେ ଲାଗିଛି। ଦୀର୍ଘ ତିନି ମାସ ହେଲା ସେମାନେ ଦରମା ପାଇନାହାନ୍ତି।ଜିଲ୍ଲାର ଅନ୍ୟ ବ୍ଲକରେ ଶିକ୍ଷକମା।ନଙ୍କ ଦରମା ସମସ୍ୟାର ସମାଧାନ ହୋଇଥିବା ବେଳେ ପୁଇଁତଲା ଓ ସଦର ବ୍ଲକରେ ନହେବା ବ୍ଲକ ଶିକ୍ଷା ଅଧିକାରୀଙ୍କ ଅପାରଗତା କିମ୍ବା ଅବହେଳା ମନୋଭାବକୁ ସ୍ପଷ୍ଟ କରୁଛି। ଯାହାଫଳରେ ଶିକ୍ଷକ ମାନେ ଉପାୟଶୂନ୍ୟ ହୋଇ ଶିକ୍ଷକତା ଛାଡି ଦିନମଜୁରୀ କାମ କରିଯିବା ପାଇଁ ବାହାରିଛନ୍ତି। ଏଭଳି ଏକ ଘଟଣା ବଲାଙ୍ଗିର ଜିଲ୍ଲା ପୁଇଁତଲା ବ୍ଲକ ଅର୍ନ୍ତଗତ ବାନ୍ଧନବାହାଲ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଦେଖିବାକୁ ମିଳିଛି।



ମିଳିଥିବା ସୂଚନା ଅନୁସାରେ ବାନ୍ଧନବାହାଲ ସରକାରୀ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ପ୍ରଭୁଦତ୍ତସାହୁ ପ୍ରଧାନ ଶିକ୍ଷକଙ୍କୁ ଛୁଟି ଦରଖାସ୍ତ ଲେଖିଛନ୍ତି। ଦରଖାସ୍ତରେ ସେ ଦର୍ଶାଇଛନ୍ତି ଯେ ଦୀର୍ଘ ତିନିମାସ ହେଲା ସେ ଦରମା ପାଇନାହାନ୍ତି। ପରିବାରର ଆର୍ଥିକ ସ୍ଥିତି ବିଗିଡିଥିବାରୁ ସେ ମଜୁରୀ କାମ କରିଯିବାକୁ ନିଷ୍ପତ୍ତି ନେଇଛନ୍ତି। ଯେଉଁଥିପାଇଁ ସେ ଆସନ୍ତା ୨୦ ତାରିଖ ଅର୍ଥାତ୍ ଆଜି ବିଦ୍ୟାଳୟରେ ଉପସ୍ଥିତ ରହିପାରିବେ ନାହିଁ ବୋଲି ଉଲ୍ଲେଖ କରିଛନ୍ତି। ୧୯ ତାରିଖ ଦିନ ପ୍ରଧାନ ଶିକ୍ଷକଙ୍କୁ ସେ ଦରଖାସ୍ତ ପ୍ରଦାନ କରିଥିବା ଜଣାପଡ଼ିଛି। ପ୍ରକାଶ ଯେ ଦୀର୍ଘ ତିନିମାସ ହେଲା ଏକ୍ସ କ୍ୟାଡର ଶିକ୍ଷକ ମାନେ ଦରମା ପାଇନାହାନ୍ତି। ଏହି ଶିକ୍ଷକଙ୍କଙ୍କୁ ଓସେପା ଦ୍ୱାରା ପରିଚାଳିତ ଡିଜି.ଜିଓଭି ନାମକ ୱେବସାଇଟର ବ୍ୟବହାର କରାଯାଇ ଦରମା ପ୍ରଦାନ କରାଯାଏ। ଏହି ୱେବସାଇଟ୍‌ରେ ବୈଷୟିକ ତ୍ରୁଟି ଥିବାରୁ ଦରମା ମିଳିପାରୁନାହିଁ ବୋଲି ପ୍ରଥମେ କୁହାଗଲା। କିନ୍ତୁ ଗତ ଫେବୃଆରୀ ମାସ ୨ ତାରିଖ ଦିନ ଓସେପା ଦ୍ୱାରା ରାଜ୍ୟର ସମସ୍ତ ଜିଲ୍ଲା ଶିକ୍ଷାଧିକାରୀଙ୍କ ନିକଟକୁ ୱେବସାଇଟ୍‌ରେ ଅସୁବିଧା ନାହିଁ ବୋଲି ଚିଠି ହେବା ଏବଂ ବଲାଙ୍ଗିର ଜିଲ୍ଲାର ପୁଇଁତଲା ଓ ସଦର ବ୍ଲକକୁ ଛାଡି ଅନ୍ୟ ସମସ୍ତ ବ୍ଲକରେ ଏକ୍ସ କ୍ୟାଡର ଶିକ୍ଷକଙ୍କ ଦରମା ମିଳିବା ଉକ୍ତ ବ୍ଲକର ଶିକ୍ଷା ଅଧିକାରୀଙ୍କ ଅବହେଳାକୁ ସ୍ପଷ୍ଟ

**ଦୋଷ କାହାର, ଓସେପା ନିର୍ଦ୍ଦେଶକ ନା ବିଇଓ**

କରୁଛି। ପ୍ରକାଶ ଯେ ଏହି ଦୁଇଟି ବ୍ଲକର ଶିକ୍ଷା ଅଧିକାରୀ ଭାବରେ ଲୋକନାଥ ସୁନା ଦାୟିତ୍ୱରେ ରହିଛନ୍ତି। ଶିକ୍ଷକଙ୍କ ଦରମା ସମସ୍ୟା ସମ୍ପର୍କରେ ଆମେ ଗତ ମାସରେ ମଧ୍ୟ ତାଙ୍କର ପ୍ରତିକ୍ରିୟା ନେଇଥିଲୁ। ସେ କହିଥିଲେ ଯେ ଆସନ୍ତା ମାସରେ ସମସ୍ତଙ୍କର ଦରମା ମିଳିବ। କିନ୍ତୁ ବର୍ତ୍ତମାନ ଜଣେ ଶିକ୍ଷକ ଶିକ୍ଷକତା ଛାଡି ଦିନମଜୁରୀ କାମ କରିବାର ସ୍ଥିତି ଉପୁଜିବା ପରେ ସେ କହୁଛନ୍ତି ଶିକ୍ଷକମାନେ କାମ କରୁଥାନ୍ତୁ। ଏକା ସାଙ୍ଗରେ ଦରମା ମିଳିବ ନି କି ! ଆକାଉଣ୍ଟାଣ୍ଟମାନେ ଆନ୍ଦୋଳନରେ ଯାଇଥିବାରୁ ଡିଜି. ଜିଓଭି ୱେବସାଇଟ୍‌ରେ କାମ ହୋଇପାରୁନି ଅପରପକ୍ଷେ ଶିକ୍ଷକମାନେ ମଧ୍ୟ ସହଯୋଗ କରୁନାହାନ୍ତି ବୋଲି ପ୍ରତିକ୍ରିୟା ରଖିଛନ୍ତି। ଶିକ୍ଷକ ମଜୁରୀ ଯିବାକୁ ପ୍ରସ୍ତୁତ ହେଉଥିବା ଘଟଣା ଜିଲ୍ଲାରେ ଚହଳ ପକାଇଥିବା ବେଳେ ଏଥିପାଇଁ ଦାୟୀ କିଏ ବୋଲି ପ୍ରଶ୍ନ ଉଠୁଛି। ଜିଲ୍ଲାର ଅନ୍ୟ ବ୍ଲକରେ ଶିକ୍ଷକମାନେ ଦରମା ପାଇଥିବା ବେଳେ କେବଳ ପୁଇଁତଲା ଓ ସଦର ବ୍ଲକରେ ଏ ସମସ୍ୟା କାହିଁକି ପ୍ରଶାସନୀକ ଅଧିକାରୀ ଏଦିଗରେ ଦୃଷ୍ଟି ନିକ୍ଷେପ କରିବାକୁ ଶିକ୍ଷକମାନେ ଦାବି କରିଛନ୍ତି।

## କୁତୁର୍ଲା ପଞ୍ଚାୟତରେ ଅଗ୍ରଣୀ ଚାଷୀଙ୍କ ବୈଠକ



**ଦେଓଗାଁ, ୧୯।୨(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ କୁତୁର୍ଲା ପଞ୍ଚାୟତ ଅନ୍ତର୍ଗତ ବହଲି ନିକଟସ୍ଥ ଫାର୍ମରେ ସ୍ଥାନୀୟ କୋଶଳୀ ଲୋକନୃତ୍ୟ ଏକାଡେମୀ ଆନୁକୂଲ୍ୟରେ ଅଞ୍ଚଳର ଅଗ୍ରଣୀଚାଷୀଙ୍କୁ ନେଇ ସଭା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସଂଗଠକ ତଥା ଏକାଡେମୀର ସମ୍ପାଦକ ଧରଣୀଧର ନାୟକଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୃଷି ବିଶେଷଜ୍ଞ ଭାବେ ରାଜସ୍ଥାନର ଲୋକେଶ ପାଣ୍ଡେ ଯୋଗଦେଇ ଏ ସୁସ୍ଥ ସମାଜ ଗଠନ ପାଇଁ ନିରନ୍ତର କୃଷିର ଆବଶ୍ୟକତା ରହିଛି। ଏଣୁ ଚାଷୀମାନେ ରାସାୟନିକ ସାର ବଦଳରେ ଜୈବିକ ବଦ୍ଧତିକୁ ଆପଣାଇବା ନିତାନ୍ତ ଜରୁରୀ ବୋଲି ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟବକ୍ତାଭାବେ ଏଫଇଏସର ମାଷ୍ଟର ଟ୍ରେନର କୃଷ୍ଣ ପ୍ରସାଦ ପାଣିଗ୍ରାହୀ ଯୋଗଦେଇ ଚାଷୀମାନେ କେମିତି କମ ଖର୍ଚ୍ଚରେ ବିଷମୁକ୍ତ ଚାଷ କରିପାରିବେ ଆଲୋଚନା କରିବା ସହ ବିଭିନ୍ନ ଅର୍କ ପ୍ରସ୍ତୁତି ବିଷୟରେ ଅବଗତ କରିଥିଲେ। ଏହି ଅବସରରେ ସମ୍ମାନିତ ଅତିଥିଭାବେ ପୁରୀର ଭାସ୍କର ପାଇକରାୟ ଓ ଆଠଗଡ଼ର ବିଷ୍ଣ ଚରଣ ରାଉତ ପ୍ରମୁଖ ଯୋଗଦେଇ ଜୈବିକ ଉତ୍ପାଦିତ ସାର ପ୍ରୟୋଗ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଜୈବିକ ପଦ୍ଧତିରେ ଚାଷ କରୁଥିବା ଯୁବଚାଷୀ ରାଜେଶ ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ରଞ୍ଜନ ନାଗ, ଚନ୍ଦ୍ରମଣୀ ବାଗ ତଥା ଅନ୍ୟମାନେ ସହଯୋଗ କରିଥିଲେ।

## ଡିକିଭାଙ୍ଗି ୧ ଲକ୍ଷ ୧୦ ହଜାର ଟଙ୍କା ଲୁଟ୍

**କଣ୍ଟାବାଞ୍ଜି, ୧୯ ।୨(ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ସହରରେ ଦିନ ଦ୍ୱିପହରରେ ବାଇକ୍ ଡିକି ଭାଙ୍ଗି ୧ ଲକ୍ଷ ୧୦ ହଜାର ଟଙ୍କା ଲୁଟ ହୋଇଛି। ତୁରେକେଲା ବ୍ଲକ ପଣ୍ଡ୍ରେନ ଗାଁର ଚାଷୀ ତହସିଲ ପୁଟେଲଙ୍କ ବାଇକ୍ ଡିକି ଭାଙ୍ଗି ଲୁଟି ନେଲେ ଲୁଟେରା। ତହସିଲଙ୍କ ଘର କାମ ଚାଲୁଥିବା ବେଳେ ସେ ଟଙ୍କା ଧରି କଣ୍ଟାବାଞ୍ଜିର ଏକ ଦୋକାନୀକୁ ଦେବାକୁ ଆସିଥିଲେ। ବାଇକ୍ ଡିକିରେ ଟଙ୍କା ରଖିଥିବା ବେଳେ କଣ୍ଟାବାଞ୍ଜିର ଏକ ବ୍ୟାଙ୍କକୁ ଯାଇ ଫେରିବା ପରେ ଡିକି ଭାଙ୍ଗି ଟଙ୍କା ଲୁଟ୍ ହୋଇଥିବା ଜାଣିବାକୁ ପାଇଥିଲେ। ଅଭିଯୋଗ ପାଇ କଣ୍ଟାବାଞ୍ଜି ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।ବିଭିନ୍ନ ସିସିଟିଭି ଗୁଡିକକୁ ଯାଞ୍ଚ କରୁଛି ପୁଲିସ।

## ଫୁଟବଲ ଟୁର୍ଣ୍ଣାମେଣ୍ଟ ; ରଜାପଡ଼ା ଚାମ୍ପିଅନ



**ସଇଁତଲା, ୧୯ ।୨(ସମିସ):** ସଇଁତଲା ବ୍ଲକ ପତ୍ରାପାଲି ପତରଫଡି ଖେଳପଡ଼ିଆରେ ଗୌରାଙ୍ଗ କ୍ଲବ୍ ପକ୍ଷରୁ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟରେ ବିଭିନ୍ନ ଜିଲ୍ଲାରୁ ୮ଟି ଟିମ୍ ଅଂଶ ଗ୍ରହଣ କରିଥିବା ବେଳେ ଫାଇନାଲ ମ୍ୟାଚ୍ ରଜାପଡ଼ା ଓ କୁସୁର୍ଲା ମଧ୍ୟରେ ହୋଇଥିଲା ।ରଜାପଡ଼ା ୨-୦ ଗୋଲ ରେ ବିଜୟୀ ହୋଇଥିଲା। କ୍ଲବ୍‌ର ସଭାପତି ସୁଦାମ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ବ୍ଲକ ଉପାଧ୍ୟକ୍ଷ ଗୁଣ ସାଗର ମାଝୀ ଓ ଜିଲ୍ଲା ପରିଷଦ ସଦସ୍ୟ ପ୍ରମୋଦ ଭୋଇ, ସ୍ଥାନୀୟ ସରପଞ୍ଚ ଯୁଗଲାଲ ମାଝୀ, ଫିରୋଜ ବଗର୍ତ୍ତି, ବେଦବ୍ୟାସ ଭୋଇ ଓ ଭାଗବତିଆ ପଟେଲ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ବିଜେତା ଓ ଉପବିଜେତା ଦଳକୁ ପୁରସ୍କାର ବିତରଣ କରିଥିଲେ ।ରେଫରି ଭାବେ ଗଣେଶ ଭୋଇ, ରାଧାକାନ୍ତ ବାଗ, ବିମ୍ବାଧର ନାଗ, ରାଜୀବ ଭୋଇ ଦାୟିତ୍ୱ ତୁଲାଇଥିବା ବେଳେ ସୁନିଲ ଭୋଇ ଓ ଯୁଗଲାଲ ନାଗ ଧାରା ବିବରଣୀ ପ୍ରଦାନ କରିଥିଲେ। କ୍ଲବ୍‌ର ସୁବାସ ମାଝୀ, ବିକାନ୍ତ ଭୋଇ, ଗୋବିନ୍ଦ ମାଝୀ ଓ ଡାକ୍ତର ମାଝୀ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

### ୪ ଓ ୫ ନମ୍ବର ସ୍ପାନ୍‌ରେ ଫାଟ

# ତମିଆଁ ମୁଦଲସର ସୁକତେଲ ସେତୁ ଭୁଶୁଡ଼ିବା ଆଶଙ୍କା

**ପାଟଣାଗଡ଼, ୧୯ ।୨(ସମିସ)**

ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ ତମିଆଁ ମୁଦଲସର ସୁକତେଲ ସେତୁର ସ୍ଥାୟିତ୍ୱକୁ ନେଇ ଆଶଙ୍କା ପ୍ରକାଶ ପାଇଛି। ବିଭାଗୀୟ ଅଧିକାରୀମାନେ ସେତୁ ନିକଟକୁ ବାରମ୍ବାର ନିରୀକ୍ଷଣ ପାଇଁ ଆସିବା ସେତୁ ପୁଣି ଦୁର୍ବଳ ହୋଇଥିବା ଆଶା ଆଶଙ୍କାକୁ ଆହୁରି ଉଦ୍‌ଜୀବିତ

**ପୂର୍ବରୁ ସେତୁ ଭୁଶୁଡ଼ି ୨ ଜଣଙ୍କ ମୃତ୍ୟୁ ଘଟିଥିଲା**

କରୁଛି। ବୁଧବାର ସକାଳ ୧୦ ଟା ୩୦ ସମୟରେ ପାଟଣାଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀ ବର୍ଷା ରାଣି ପଗଡ଼ାଙ୍କ ସହ ବିଭାଗୀୟ ଏସଡ଼ିଓ ପାଟଣାଗଡ଼ ଓ କିଛି ବିଭାଗୀୟ ଉଚ୍ଚ ଅଧିକାରୀ ତମିଆଁ ମୁଦଲସର ସେତୁ ନିକଟରେ ପହଞ୍ଚି ସେତୁର ବିଭିନ୍ନ ସ୍ପାନ ଗୁଡିକୁ ତନ୍ନ ତନ୍ନ କରି ଯାଞ୍ଚ କରିଛନ୍ତି ।ଏ ବିଷୟରେ ଉପସ୍ଥିତ ଥିବା ବିଭାଗର ଉଚ୍ଚ ଅଧିକାରୀଙ୍କୁ ଘଟଣା ବିଷୟରେ ଜାଣିବାକୁ ଚେଷ୍ଟା କରିବାରୁ ସହକାରୀ ଯନ୍ତ୍ରୀ ଶ୍ରୀମତୀ ପଗଡ଼ା ତାଙ୍କୁ କିଛି ପଚାରନ୍ତୁ ନାହିଁ ମୁଁ ସବୁ ତଥ୍ୟ ଦେଇଦେବି କହି ପ୍ରକୃତ ଘଟଣାକୁ ଲୁଚାଇବାକୁ ଚେଷ୍ଟା କରିବା ସହ ଏହି ଘଟଣାକୁ ଲୋକଲୋଚନକୁ ନ ଆଣିବା ପାଇଁ କହିଥିଲେ ।ସୂଚନା ଯୋଗ୍ୟ ଯେ ୨୦୧୬/୧୭ ବର୍ଷରେ ପ୍ରାୟ ୭ କୋଟି ଟଙ୍କା ବ୍ୟୟ ଅଟକଳରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ଦ୍ଦିଷ୍ଟ ଠିକା ସଂସ୍ଥା ଦ୍ୱାରା ନିର୍ମାଣ ହୋଇଛି। ନିମ୍ନମାନର କାମ ଯୋଗୁଁ ଚାରିବର୍ଷ ଭିତରେ ସେତୁର ତିନି ନମ୍ବର ସ୍ପାନରେ ଫାଟ ସୃଷ୍ଟି ହୋଇ ସେତୁଟି ଦବିଯାଇଥିଲା। ଏହି ସ୍ପାନକୁ ପୁନଃ ନିର୍ମାଣ ପାଇଁ କାର୍ଯ୍ୟ ଚାଲିଥିବା ସମୟରେ ଗତ ୨୯.୪.୨୦ ସକାଳ ୯ ଟା ୩୦ ସମୟରେ



ସେତୁ ଭୁଶୁଡି ଯିବାରୁ ଦୁଇ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା। ସେ ସମୟରେ ଏହି ଘଟଣା ସାରା ରାଜ୍ୟରେ ହଇଚଇ ସୃଷ୍ଟି କରିଥିଲା। ତତ୍କାଳୀନ ଆଇଜି ହିମାଂଶୁ ଲାଲ, ଏସ୍‌ପି ଓ ଜିଲ୍ଲାପାଳ ବଲାଙ୍ଗିରଙ୍କ ସହ ରାଜ୍ୟସ୍ତରୀୟ ବିଭାଗୀୟ ଅଧିକାରୀ ମଧ୍ୟ ଘଟଣାସ୍ଥଳକୁ ପହଞ୍ଚି ସ୍ଥିତି ପରଖି ଥିଲେ।ଏହି ଘଟଣାରେ ତତ୍କାଳୀନ ସହକାରୀ ଯନ୍ତ୍ରୀ ପାଟଣାଗଡ଼ଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ହେବାସହ ଠିକାସଂସ୍ଥାକୁ ରାଜ୍ୟ ସରକାର କଳା ତାଲିକାଭୁକ୍ତ କରିଥିଲେ। ଏହି ଘଟଣା ଲୋକଙ୍କ ମନରୁ ଲିଭିନଥିବା ବେଳେ ପୁଣି ବିଭାଗୀୟ ଅଧିକାରୀଙ୍କ ବାରମ୍ବାର ଏହି ସେତୁକୁ ଯାଞ୍ଚ ପାଇଁ ଆସିବା ଓ ସେତୁର ନିର୍ଦ୍ଦିଷ୍ଟ ସ୍ପାନ (ଚାରି ଓ ପାଞ୍ଚ ନମ୍ବର) ରେ ଫାଟ ସୃଷ୍ଟି ହୋଇ ସେତୁଟି ପୁଣି ଦୁର୍ବଳ ହୋଇପଡ଼ିଛି। ସେତୁ ପୁଣି ଭୁଶୁଡିପାରେ ବୋଲି ଲୋକଙ୍କ ମଧ୍ୟରେ ଆଶଙ୍କା ପ୍ରକାଶ ପାଇଛି ।ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନାନୁସାରେ ସେତୁର କେତୋଟି ସ୍ପାନରେ ଫାଟ ସୃଷ୍ଟି ହୋଇଛି ଫଳରେ ସେତୁ କିଛି କାଂଶରେ ଦୁର୍ବଳ ହୋଇଯାଇଛି ।ସେଥିପାଇଁ ବିଭାଗୀୟ ଉଚ୍ଚ ଅଧିକାରୀ ପହଞ୍ଚି ଯାଞ୍ଚ କରୁଛନ୍ତି।



ସେତୁରେ ଫାଟ ହୋଇଥିବା ସ୍ଥାନରେ କିପରି ରକ୍ଷଣା ବେକ୍ଷଣ କାର୍ଯ୍ୟ କରାଯାଇ ପାରିବ ସେନେଇ ବିଭାଗ ବିଚାର କରୁଛି। ଏହି ସେତୁ ଉପରେ ଭାରି ଯାନ ଚଳାଚଳ ମଧ୍ୟ ବନ୍ଦ କରାଯାଇପାରେ। ବିଭାଗୀୟ ଦୋଷ ଦୁର୍ବଳତା ଲୁଚାଇବା ପାଇଁ କିଭଳି ଏହି ଘଟଣା ଲୋକଲୋଚନକୁ ନ ଆସିବ ଓ ଘଟଣାକୁ ଚାପିଦିଆଯିବ ସେନେଇ ଯୋଜନା ପ୍ରସ୍ତୁତ ହୋଇଥିବା କୁହାଯାଉଛି। ପ୍ରକୃତରେ ଯଦି ଏହି ସେତୁ ଦୁର୍ବଳ ହୋଇଛି ତେବେ କେତେବେଳେ ଯେ କୌଣସି ଅଘଟଣ ଘଟି ଲୋକଙ୍କ ଧନ ଜୀବନ ହାନି ହେବାର ଆଶଙ୍କା ସୃଷ୍ଟି ହେବା ସହ ପୂର୍ବ ଘଟଣାର ପୁନରାବୃତ୍ତି ଯେ ନହେବ କିଛି କୁହାଯାଇପାରିବ ନାହିଁ। ରାଜ୍ୟ ସରକାର ଏ ଦିଗରେ ଦୃଷ୍ଟି ଦେଇ ଘଟଣାର ପ୍ରକୃତ ସତ୍ୟାସତ୍ୟ ଲୋକଲୋଚନକୁ ଆଣିବା ପାଇଁ ଅଞ୍ଚଳବାସୀଙ୍କ ମଧ୍ୟରେ ଦାବି ହେଉଛି।

# ଆମପାଣିକୁ ବ୍ଲକ୍ ଘୋଷଣା ଲାଗି ୧୦ ପଞ୍ଚାୟତବାସୀଙ୍କ ମେଳି

**କୋକସରା, ୧୯ ।୨(ସମିସ):**



କୋକସରା ବ୍ଲକର ଆମପାଣି ପଞ୍ଚାୟତକୁ ନୂତନ ବ୍ଲକ ଘୋଷଣା ନିମନ୍ତେ ଦାବି ଜୋର ଧରିଛି । ଏ ନେଇ ବୁଧବାର ବ୍ଲକ ଗଠନ କ୍ରିୟାନୁଷ୍ଠାନ କମିଟି ସଭାପତି ଋତୁରାଜ ମାଝୀଙ୍କ ନେତୃତ୍ୱରେ ଆନ୍ଦୋଳନ ହୋଇଛି । କୋକସରା ବ୍ଲକର ୮ଟି ପଞ୍ଚାୟତ ସମେତ ଜୟପାଟଣା ବ୍ଲକର ୨ଟି ପଞ୍ଚାୟତରୁ ଶତାଧିକ ମହିଳା ଓ ପୁରୁଷ ଏକତ୍ରିତ ହୋଇଥିଲେ । ଏମାନେ ଧର୍ମଗଡ଼ ପଞ୍ଚାୟତ ପଡ଼ିଆରୁ ଶୋଭାଯାତ୍ରାରେ ବାହାରି ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଥିଲେ । ଡେପୁଟି କଲେକ୍ଟର ଚିତ୍ତରଞ୍ଜନ ମଲ୍ଲିକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା ।

କୋକସରା ବ୍ଲକର ଆମପାଣି ୧ ନମ୍ବର ଜିଲ୍ଲା ପରିଷଦ ଜୋନରେ ଅନ୍ତର୍ଭୁକ୍ତ । ଏହି ଜୋଡ଼ରେ ବଡ଼ପୋଡ଼ାଗୁଡ଼ା, ବରାଡଙ୍ଗା, କାଉଡୋଲା, ଡୁଡୁକାଠେଙ୍ଗା, ମହିମା, ସାନ ପୋଡାଗୁଡା ଓ ଗୋତମୁଣ୍ଡା ପଞ୍ଚାୟତ ରହିଛି । ଏହି ପଞ୍ଚାୟତ ଗୁଡ଼ିକ ସାହାଜଖୋଲ ଜଙ୍ଗଲ ପାଦଦେଶରେ ରହିଛି । କୋକସରାଠାରୁ ପ୍ରାୟ ୨୫ରୁ ୩୦ କିଲୋମିଟର ଦୂରରେ ଅବସ୍ଥିତ । ସେହିପରି ଜୟପାଟଣା ବ୍ଲକର ବଡପୁଝାରୀଗୁଡା ଓ ଉଚ୍ଛଲା ପଞ୍ଚାୟତ ମଧ୍ୟ ବଣ ଜଙ୍ଗଲ ଘେରା ଉପାନ୍ତ ଅଞ୍ଚଳରେ ରହିଛି । ଜୟପାଟଣା ବ୍ଲକକୁ ଯିବାକୁ ହେଲେ ଏହି ୨ଟି ପଞ୍ଚାୟତର ଲୋକଙ୍କୁ ୩୫ କିଲୋମିଟର ଦୂର ଯିବାକୁ ପଡୁଛି । ନିକଟରେ ଆମପାଣି ୧୨. କିମି ଦୂରରେ ରହିଛି । ଏହି ପଞ୍ଚାୟତଗୁଡ଼ିକ ଭୌଗୋଳିକ ଦୃଷ୍ଟିକୋଣରୁ ପାହାଡ଼, ପର୍ବତ, ନଦୀ, ନାଳ ଓ ଜଙ୍ଗଲ ଘେରା ଅଞ୍ଚଳରେ ରହିଛି । ଏହା ଫଳରେ ସରକାରଙ୍କ ବିଭିନ୍ନ ଯୋଜନାର ସଫଳତା ଲୋକଙ୍କ ନିକଟରେ ଠିକ୍ ସମୟରେ ପହଞ୍ଚି ପାରୁନାହିଁ । ଭୌଗୋଳିକ ଦୃଷ୍ଟି କୋଣରୁ ଆମପାଣି ଗ୍ରାମ ଏହି ଅଞ୍ଚଳର ମୁଖ୍ୟ ସ୍ଥାନ । ଏଠାରେ ବ୍ଲକ ଗଠନ ନିମିତ୍ତ ସବୁ ପ୍ରକାର ଭିତ୍ତିଭୂମି ରହିଛି । ୧୦ଟି ପଞ୍ଚାୟତ ବ୍ୟତୀତ ପଡୋଶୀ ନବରଙ୍ଗପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳର ହଜାର ହଜାର ଲୋକ ଆମପାଣି ଉପରେ ନିର୍ଭର କରିଥାନ୍ତି । ଏଠାରେ ଥିବା ସ୍କୁଲ, ୨ଟି କଲେଜ, ଡାକ୍ତରଖାନା, ଥାନା, ଫରେଷ୍ଟ ଅଫିସ, ଆରଆଇ ଅଫିସ, ଗ୍ୟାସ ପଏଣ୍ଟ, ବ୍ୟାଙ୍କ, ସମବାୟ ସମିତି, ପୋଷ୍ଟ ଅଫିସ, ଏସ୍ଏସଡି ସ୍କୁଲ ଇତ୍ୟାଦି ଉପରେ ଆଖପାଖ ଅଞ୍ଚଳର ଲୋକେ ନିର୍ଭର କରିଥାନ୍ତି । ଆମପାଣିକୁ ୨୬ ନମ୍ବର ଜାତୀୟ ରାଜପଥ ସହ ବିଜୁ ଏକ୍ସପ୍ରେସୱେ ସଂଯୋଗ କରୁଥିବାରୁ ଯାତାୟାତରେ ମଧ୍ୟ ସୁବିଧା ରହିଛି । ଏହିସବୁ ଦୃଷ୍ଟିରୁ ଆମପାଣି ପଞ୍ଚାୟତ ନୂତନ ବ୍ଲକ ଗଠନ ପାଇଁ ଉପଯୁକ୍ତ । ସରକାର ଆମପାଣି ପଞ୍ଚାୟତକୁ ନୂତନ ବ୍ଲକ ଘୋଷଣା କଲେ ସାଧାରଣ ଲୋକେ ଉପକୃତ ହେବେ । ତେଣୁ ଆମପାଣି ପଞ୍ଚାୟତକୁ ସ୍ୱତନ୍ତ୍ର ବ୍ଲକ ଗଠନ ପାଇଁ ଦାବି ଜୋର ଧରିଛି । କ୍ରିୟାନୁଷ୍ଠାନ କମିଟି ସଭାପତି ଋତୁରାଜ ମାଝୀଙ୍କ ସମେତ ଟିକିଚନ୍ଦ୍ର ଧଙ୍ଗଡ଼ାମାଝୀ, କୁମୁଦ ପୁଝାରୀ, ଧନୁ ଦୁର୍ଗା, ଜିତୁ ପଣ୍ଡା, ବିଘ୍ନେଶ୍ୱର ନାଏକ, ସନ୍ତୋଷ ମାଝୀ, ଭଜମନ ନାଏକ, ସତ୍ୟ ନାଏକ, ଆମପାଣି ସରପଞ୍ଚ ରୁକ୍ମିଣୀ ବାଣୁଆ, ବଡ଼ପୋଡ଼ାଗୁଡ଼ା ସରପଞ୍ଚ ଜମୁନା ନାଏକ, କାଉଡୋଲା ସରପଞ୍ଚ ଦେବୀ ସିଂ ତାଣ୍ଡି, କୁମୁଦ ସେଠୀ, ବିଜୟ ପଣ୍ଡା, ଚକ୍ରଧର ବେଶ୍ରା, ତାପସ ରାୟ, ଖଗେଶ୍ୱର ପାଣିଗ୍ରାହୀ, ମଣିରାମ ବାଣୁଆ, ଯୁଗଲ କିଶୋର ନାଏକ, ମନୋରଞ୍ଜନ ବାଣୁଆ, ଧରିତ୍ରୀ ବାଗ, ସୁରେଶ ସାହୁ, ସମିତି ସଭ୍ୟା ନର୍ତ୍ତକୀ ଦଣ୍ଡସେନା, ଅର୍ଜୁନ ଭାଟି, ଅଜୟ ପଣ୍ଡା, ବିନୋଦ ସିଂ, ଧର୍ମାନନ୍ଦ ନାଏକ, ରାଜୁ ପଟେଲ, କେଶବ ବେଣୁପାଣି, ନୃପରାଜ ନାଏକଙ୍କ ସମେତ ୧୦ଟି ପଞ୍ଚାୟତର ନିର୍ବାଚିତ ଜନ ପ୍ରତିନିଧି ଓ ଶତାଧିକ ଲୋକେ ସାମିଲ ଥିଲେ ।

# ଲାଞ୍ଜିଗଡ଼ରେ ବ୍ଲକ୍ କାର୍ଯ୍ୟାଳୟ ସ୍ଥାପନ ଦାବି



**ଲାଞ୍ଜିଗଡ଼, ୧୯ ।୨(ସମିସ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ କାର୍ଯ୍ୟାଳୟ ଏଠାରୁ ୧୬ କିମି ଦୂର ବିଶ୍ୱନାଥପୁରରେ ରହିଛି । ଲାଞ୍ଜିଗଡ଼ରେ ହିଁ ବ୍ଲକ କାର୍ଯ୍ୟାଳୟ ସ୍ଥାପନ ଲାଗି ଲାଞ୍ଜିଗଡ଼ କ୍ରିୟାନୁଷ୍ଠାନ କମିଟି ଦାବି କରିଛି । ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ପଞ୍ଚାୟତିରାଜ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କଳାହାଣ୍ଡି ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କୁ ଏ ନେଇ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ୨୬ଟି ପଞ୍ଚାୟତକୁ ନେଇ ଏହି ବ୍ଲକ ଗଠିତ । ଏହି ୨୬ ଗୋଟି ପଞ୍ଚାୟତକୁ ନେଇ ଜିଲ୍ଲା ପରିଷଦ ଜୋନ୍-୧ ଏବଂ ଜୋନ୍-୨ରେ ବିଭାଜନ । ଲାଞ୍ଜିଗଡ଼ରେ ସମସ୍ତ ପ୍ରକାର ସୁବିଧା ଥାଇ ମଧ୍ୟ ବ୍ଲକ କାର୍ଯ୍ୟାଳୟଟି ଏଠାରେ ପ୍ରତିଷ୍ଠା ନ ହେବା ଲୋକଙ୍କ ଭିତରେ ଅସନ୍ତୋଷ ବଢ଼ାଇଛି । ଜୋନ୍-୨ରେ ଥିବା ୧୩ଟି ପଞ୍ଚାୟତ ମଧ୍ୟରୁ ଅଧିକାଂଶ ପଞ୍ଚାୟତର ଗ୍ରାମଗୁଡିକୁ ବ୍ଲକ କାର୍ଯ୍ୟାଳୟ ବିଶ୍ୱନାଥପୁର ଯିବାପାଇଁ ୪୫ କିଲୋମିଟର ପଡୁଛି । ଏଣୁ ଅଞ୍ଚଳବାସୀଙ୍କୁ ବ୍ଲକ କାର୍ଯ୍ୟାଳୟ ଯିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ତେବେ ଓଡ଼ିଶା ସରକାରଙ୍କ ନୂତନ ଗାଇଡ୍ ଲାଇନ ଅନୁସାରେ ୨୦ ବର୍ଷରେ ଥରେ ନୂତନ ବ୍ଲକ ପୁନର୍ଗଠନର ପାଇଁ ପ୍ରାବଧାନ ରହିଛି । ସେହି ପ୍ରାବଧାନ ଅନୁସାରେ ଲାଞ୍ଜିଗଡ଼ ବ୍ଲକ ନାମରେ ନାମିତ ଲାଞ୍ଜିଗଡ଼ ବ୍ଲକକୁ ଲାଞ୍ଜିଗଡ଼ଠାରେ ପ୍ରତିଷ୍ଠା କରାଯାଉ ବୋଲି ଅନୁରୋଧ କରାଯାଇଛି । ଜୋନ୍-୨ରେ ଥିବା ଲାଞ୍ଜିଗଡ଼, ବସନ୍ତପଡ଼ା, ଛତ୍ରପୁର, ଜଗନ୍ନାଥପୁର, ବାତେଲିମା, ତ୍ରିଲୋଚନପୁର ପଞ୍ଚାୟତ ସମେତ ଅନ୍ୟ ପଞ୍ଚାୟତବାସୀ ଏକତ୍ରିତ ହୋଇଥିଲେ । ଲାଞ୍ଜିଗଡ଼ ବ୍ଲକ କ୍ରିୟାନୁଷ୍ଠାନ କମିଟି ସଭାପତି ଶ୍ରୀଧର ପେସନିଆଙ୍କ ନେତୃତ୍ୱରେ କଳାହାଣ୍ଡି ଜିଲ୍ଲାପାଳଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି । ଏହି ଅବସରରେ ଲାଞ୍ଜିଗଡ଼ କ୍ରିୟାନୁଷ୍ଠାନ କମିଟିର କାର୍ଯ୍ୟକାରୀ ସଭାପତି ରାଜେନ୍ଦ୍ର ପ୍ରତାପ ସିଂ ଦେଓ, ସମ୍ପାଦକ ପରମାନନ୍ଦ ନାଏକ, କୋଷାଧ୍ୟକ୍ଷ ଶ୍ରୀମୁଖ ଅଗସ୍ତି, କାର୍ଯ୍ୟକାରୀ ସମ୍ପାଦକ ଶିଶିର ପୁଝାରୀ, ବସନ୍ତପଡ଼ା ସରପଞ୍ଚ ଚାଞ୍ଚେର ମାଝୀ, ଲାଞ୍ଜିଗଡ଼ ରାଜ ପରିବାରର ସୁରେନ୍ଦ୍ର ପ୍ରତାପ ସିଂ ଦେଓ, ଲାଞ୍ଜିଗଡ଼ର ପୂର୍ବତନ ସରପଞ୍ଚ ଚନ୍ଦ୍ରଧ୍ୱଜ ପେସନିଆ, ଜଗନ୍ନାଥପୁର ସରପଞ୍ଚ ମୁଗାନଓ ମାଝୀ, ସମିତି ସଭ୍ୟ ପ୍ରଦୀପ ମାଝୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହରେକୃଷ୍ଣ ଯୋଶୀ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ସେନାପତି ନାଏକ, ତ୍ରିନାଥ ମହାଖୁଡ ଓ ଗଙ୍ଗାଧର ମହାଖୁଡ଼, ଲକ୍ଷ୍ମୀଧର ଚଣ୍ଡୀ, ଚନ୍ଦ୍ରଚୁଡ ମହାଖୁଡ଼, ଆଇନଜୀବୀ ଅନନ୍ତ ମହାଖୁଡ, ମାର୍କଣ୍ଡ ଚନ୍ଦନ, ରାଜେନ୍ଦ୍ର ମାଳି, ମହେଶ୍ୱର ପତି, ଗଜାନନ ବନ୍ଧପାରିଆ, ମୁରଲୀ ନାଏକ, ବଳରାମ ଗହୀର, ତ୍ରିନାଥ ପାତ୍ର, ସୁବାଷ ଶୃଗାଳ ଓ ବାମଦେବ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଶ୍ରୀଜଗନ୍ନାଥ ମନ୍ଦିରର ବାର୍ଷିକ ଉତ୍ସବ

**ସିନାପାଲି, ୧୯।୨(ସମିସ):** ସିନାପାଲି ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠାର ଦ୍ୱାଦଶ ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ପାଞ୍ଚଦିନ ବ୍ୟାପି ନଅ କୁଣ୍ଡୀୟ ଘୃତଯଜ୍ଞ, ଜ୍ଞାନଯଜ୍ଞ ଓ ଅନ୍ନଯଜ୍ଞରେ ପୂର୍ଣ୍ଣାହୂତି ଘଟିଛି । ଉତ୍ସବର ମୁଖ୍ୟ ଆକର୍ଷଣ ପୁରୀରୁ ଆସିଥିବା ଜ୍ଞାନଯଜ୍ଞର ପ୍ରସିଦ୍ଧ ପ୍ରବଚିକା ସରୋଜିନୀ ଦେବୀଙ୍କ ଅମୃତବାଣୀ ଶୁଣିବାକୁ ପ୍ରତିଦିନ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳୁଥିଲା । ଉତ୍ସବର ଅନ୍ତିମ ଦିବସରେ ମନ୍ଦିର ପରିଚାଳନା ସମିତିର ସଭାପତି ବୈଶମ୍ପାୟନ ମେହେରଙ୍କ ଅଧ୍ୟକ୍ଷତାରେ ମନ୍ଦିରର ଆଜୀବନ ସଦସ୍ୟ ଏବଂ ଭୋଗଦାତାଙ୍କୁ ନେଇ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଡମ୍ବରୁଧର ମେହେର, ପୂର୍ଣ୍ଣଚନ୍ଦ୍ର ମେହେର, ଚିନ୍ତାମଣି ସାହୁ, ଲୋକନାଥ ମେହେର, ପ୍ରଦୀପ ଜୈନ, ତୁଳସୀରାମ ମେହେର, ପ୍ରମୋଦ ଯୋଷୀ, ତ୍ରିନାଥ ମେହେର ପ୍ରମୁଖ ମଞ୍ଚାସୀନ ଥିଲେ । ପ୍ରାରମ୍ଭରେ ନବୀନ ଚନ୍ଦ୍ର ମେହେର ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ସମ୍ପାଦକ ତୁଳସୀରାମ ମେହେର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ । ବିଭିନ୍ନ କ୍ଷେତ୍ରରେ ସେବା ଯୋଗାଇ ଆସୁଥିବା ବ୍ୟକ୍ତିମାନଙ୍କୁ ମନ୍ଦିର ସମିତି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ନୀଳାଞ୍ଚଳ ମେହେର ଧନ୍ୟବାଦ ଦେଇଥିଲେ ।

# ଦଲଦଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ନୂଆପଡ଼ା/କୋମନା, ୧୯।୨(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଅଧୀନ ଦଲଦଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ପ୍ରେମଲାଲ ସତନାମୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଆରସି ରାଧାକାନ୍ତ ତାଣ୍ଡି ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ କୁରୁମପୁରୀ ସୁବଳ ଶ୍ୟାମ ପଣ୍ଡା ଏବଂ ସମ୍ମାନିତ ଅତିଥି ଭାବରେ ଫିରୋଜ ଖାଁ, ବିଶ୍ୱଦେବ ପଣ୍ଡା, ରିତା ପାତ୍ର, ପାଲା ଶବର, ହେମରାଜ୍ ପଟେଲ, କମଳା କାନ୍ତ ଦାସ, ଜମାଲ ଖାଁ, ଏସଏମସି ସଭ୍ୟ ମେହେର ସିଂ ଲୋହାର, ଧନ ସିଂ ଧାରୁଆ, ମୋହରଦାସ ସତନାମି, ଶ୍ୟାମଲାଲ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷାକ୍ଷେତ୍ରରେ ଶ୍ରେଷ୍ଠ ହୋଇଥିବା ଛାତ୍ରଛାତ୍ରୀ, ଶ୍ରେଷ୍ଠ ଆଲୁମିନି ତଥା କ୍ରୀଡ଼ା କ୍ଷେତ୍ରରେ ଶ୍ରେଷ୍ଠ କୃତୀଙ୍କୁ ପୁରସ୍କୃତ କରାଯାଇଥିଲା । ସହ ଶିକ୍ଷକ ଅଶୋକ ମୁଦୁଲି, ସୁଜାତା ରଣା, କଳ୍ପନା ଦାସ, ପୁଷ୍ପାଞ୍ଜଳି ପଟେଲ, ଲିଲିମନି ତରାଇ, ପୁଷ୍ପାଞ୍ଜଳି ପାତ୍ରଙ୍କ ସମେତ ପରିଚାଳନା କମିଟିର ସଭ୍ୟସଭ୍ୟା ଓ ସମସ୍ତ ଅଭିଭାବକ କାର୍ଯ୍ୟକ୍ରମପରିଚାଳନାରେ ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ ହିମାଞ୍ଚଳ ଧାନ ମଞ୍ଚ ପରିଚାଳନା କରିଥିବାବେଳେ ସୁଜାତା ରଣା ଧନ୍ୟବାଦ ଅର୍ପଣ କରିଥିଲେ ।

## ଲାଇତରାରେ କ୍ଲଷ୍ଟରସ୍ତରୀୟ ନିପୁଣମେଳା

**କେସିଙ୍ଗା, ୧୯ ।୨(ସମିସ):** କେସିଙ୍ଗା ବ୍ଲକସ୍ଥିତ ଲଇତରା ଆଞ୍ଚଳିକ ସାଧନ କେନ୍ଦ୍ର ଅଧୀନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ନିପୁଣ ମେଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ସାହୁ, ମୁଖ୍ୟବକ୍ତା ଭାବେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ନୀଳମାଧବ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ସୁରେନ୍ଦ୍ର ଦୋରା ଓ ଲଇତରା ପଞ୍ଚାୟତ ସରପଞ୍ଚ ଅଶୋକ ପୋଢ଼ ଯୋଗ ଦେଇଥିଲେ । ଲଇତରା ଆଞ୍ଚଳିକ କେନ୍ଦ୍ରର ସଂଯୋଜକ ତପନ ଦାଶ ଅଧ୍ୟକ୍ଷତା କରିଥିଲେ । ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୁଶଚନ୍ଦ୍ର ସାହୁ ସଭାପତିତ୍ୱ କରିଥିଲେ । ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶୁଭଲକ୍ଷ୍ମୀ ନାୟକ, ମୁଖ୍ୟବକ୍ତା ଭାବେ ଜିଲ୍ଲା ପେଡ଼ାଗଜି ସଂଯୋଜକ ଶ୍ରଦ୍ଧାଞ୍ଜଳି ଦାଶ, ସମ୍ମାନିତ ଅତିଥି ଭାବେ ଭଟାଙ୍ଗପଦର ସିଆରସିସି ମନୋଜ ସାହୁ ଉପସ୍ଥିତ ଥିଲେ । ବିଚାରକ ଭାବେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ କଳା ଶିକ୍ଷୟତ୍ରୀ ମୋନାଲି ପ୍ରିୟଦର୍ଶିନୀ ଓ ଦୁର୍ଗା ମାଧବ କୁମାର ଉପସ୍ଥିତ ଥିଲେ । ଲିସାରାନି ଦାସ ସଂଯୋଜନା କରିଥିଲେ । ୧୦ଟି ବିଦ୍ୟାଳୟରୁ ୨୫୦ ଛାତ୍ରଛାତ୍ରୀ ଏଥିରେ ଯୋଗ ଦେଇଥିଲେ ।

# ଝାରବନ୍ଧ ସରକାରୀ ସ୍କୁଲର ବାର୍ଷିକ ଉତ୍ସବ



**ସିନାପାଲି, ୧୯।୨(ସମିସ):** ସିନାପାଲି ବ୍ଲକ ଅଧୀନ ଝାରବନ୍ଧ ଉପ୍ରା ବିଦ୍ୟାଳୟର ୧୪ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ସିନାପାଲି ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଯତୀନ୍ଦ୍ର ସେଠ, ମୁଖ୍ୟବକ୍ତା ଭାବେ ସିନାପାଲି ହାଇସ୍କୁଲର ପ୍ରଧାନଶିକ୍ଷକ ଲଳିତ ସୁନାନୀ ଏବଂ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ବେଣୁଧର ହରିଜନ, ବ୍ରାହ୍ମଣିଗୁଡ଼ା କ୍ଲଷ୍ଟର ସିଆରସିସି ଖଗେଶ୍ୱର ନିଆଲ, ଝାରବନ୍ଧ ହାଇସ୍କୁଲ ପ୍ରଧାନ ଶିକ୍ଷକ ରାଜକୁମାର ତାଣ୍ଡି ପ୍ରମୁଖ ମଞ୍ଚାସୀନ ଥିଲେ । ପ୍ରଧାନଶିକ୍ଷକ ପବିତ୍ର ଦୁରିଆଙ୍କ ସଭାପତିତ୍ୱରେ ସଭାରେ ଶିକ୍ଷକ ଗିରିଶ ସା ଅତିଥି ପରିଚୟ ପ୍ରଦାନ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ସିଆରସିସି ମହେଶ୍ୱର ଗୁଆଲଙ୍କ ସଭାପତିତ୍ୱରେ ଶିକ୍ଷକ ବଂଶୀଧର ଜଗତ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଘୁଚାଗୁଡ଼ା ସରକାରୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ବଂଶଧର ଜଗତ ଧନ୍ୟବାଦ ଅର୍ପଣ କରିଥିଲେ ।

# କେସିଙ୍ଗା ବ୍ଲକରେ ଏଥର ୧୭୨୯ ମାଟ୍ରିକ ପରୀକ୍ଷାର୍ଥୀ

**କେସିଙ୍ଗା, ୧୯ ।୨(ସମିସ):** ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ୨୧ ତାରିଖରୁ ଆରମ୍ଭ ହେଉଛି । ଏଥିଲାଗି ପ୍ରସ୍ତୁତି ସରିଲାଣି । ତେବେ କେସିଙ୍ଗା ବ୍ଲକର ଏଥର ୧୭୨୯ ମାଟ୍ରିକ ପରୀକ୍ଷାର୍ଥୀ ରହିଛନ୍ତି । ୧୨ଟି କେନ୍ଦ୍ରରେ ମାନେ ପରୀକ୍ଷା ଦେବେ । କେସିଙ୍ଗା ବିଦ୍ୟାପୀଠରେ ୨୫୭, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୧୧୯, କନ୍ତେଶିର କପିଳେଶ୍ୱର ହାଇସ୍କୁଲରେ ୨୦୨, ଉକ୍ରେଲାରେ ୧୩୪, ଗାଇଗାଁ ସ୍କୁଲରେ ୧୨୬, ପାଷ୍ଟିକୁଡି ସ୍କୁଲରେ ୧୯୪, ବେଲଖଣ୍ଡି ନୋଡାଲ ହାଇସ୍କୁଲରେ ୧୩୮, କୁଣ୍ଡାବନ୍ଧ ସମଲେଶ୍ୱରୀ ହାଇସ୍କୁଲରେ ୧୧୭, କାଣ୍ଡେଲ ଉଚ୍ଚ ବିଦ୍ୟାଳୟରେ ୧୦୭, କଣ୍ଟୁପଡ଼ା ଜନତା ହାଇସ୍କୁଲରେ ୧୦୨, ତୁଣ୍ଡଲା ନୋଡାଲ ହାଇସ୍କୁଲରେ ୧୩୨ ଜଣ ଓ ବାଲସି ହାଇସ୍କୁଲରେ ୧୦୧ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ ।

# ସନ୍ଦେହଘେରରେ ଯୁବକଙ୍କ ମୃତ୍ୟୁ

**କେସିଙ୍ଗା, ୧୯ ।୨(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଉକ୍ରେଲା ଗ୍ରାମରେ ଏକ ଦୁଃଖଦ ଘଟଣା ଘଟିଛି । ଏହି ଗ୍ରାମର ଜଣେ ୪୫ ବର୍ଷର ଯୁବକଙ୍କ ମୃତ୍ୟୁକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି । ମୃତକ ହେଲେ ଉକ୍ରେଲା ବେହେରାପଡ଼ାର ସୁରେଶ ଚନ୍ଦ୍ର ଦୋରା (୪୫) । ଗାଁ ପାଖ ଏକ ବିଲ ହିଡରେ ଥିବା ଗଛରୁ ତାଙ୍କ ଝୁଲନ୍ତା ମୃତଦେହ ମିଳିଛି । ଖବର ପାଇ ଉକ୍ରେଲା ଫାଣ୍ଡି ଅଧିକାରୀ ରମେଶ ଦୋରା ସଙ୍ଗେ ସଙ୍ଗେ ନବରଙ୍ଗପୁରରୁ ଫରେନସିକ ଟିମ ଡକାଇ ତଦନ୍ତ ଆରମ୍ଭ କରିଛନ୍ତି । ମୃତକଙ୍କ ଆଣ୍ଠୁ ମାଟି ତଳେ ଲାଗିଥିବାରୁ ଏହା ହତ୍ୟା ନା ଆତ୍ମହତ୍ୟା ସେ ନେଇ ପୁଲିସ ଦ୍ୱନ୍ଦ୍ୱରେ ପଡ଼ିଛି ।

# ଅଷ୍ଟପ୍ରହର ନାମଯଜ୍ଞ ପାଇଁ ଶୁଭସ୍ତମ୍ଭ ସ୍ଥାପନ



**ଧର୍ମଗଡ଼, ୧୯ ।୨(ସମିସ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ଛଞ୍ଚାଣବାହଲି ଶ୍ରୀ ଚମ୍ପେଶ୍ୱର ମହାଦେବଙ୍କ ପୀଠରେ ଅଖଣ୍ଡ ଅଷ୍ଟପ୍ରହର ନାମଯଜ୍ଞ ନିମିତ୍ତ ଶୁଭସ୍ତମ୍ଭ ସ୍ଥାପନ ସହ ଭୂମିପୂଜା ଅନୁଷ୍ଠିତ ହୋଇଯାଇଛି । ପୂଜକ ଭାବେ ଜ୍ୟୋତିର୍ବିଦ ଭୂପେଶ ତିୱାରୀ, ଉପେନ୍ଦ୍ର ଭଇଁଶାଳ ଓ ତାଙ୍କ ପତ୍ନୀ ସରୋଜିନୀ କର୍ତ୍ତା ଦାୟିତ୍ୱ ସମ୍ପାଦନ କରିଛନ୍ତି । ଏହି ନାମଯଜ୍ଞରେ ୬ଟି ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରିଛନ୍ତି । କମିଟି ସଭାପତି କମଲୁ ଗୋପାଳ, ସମ୍ପାଦକ ଗୋଲାପ ଚନ୍ଦ୍ର ବାଗ, କୋଷାଧ୍ୟକ୍ଷ ସିଦ୍ଧେଶ୍ୱର ଭଇଁଶାଳ, ହୁକିମ ଚନ୍ଦ୍ରଭଇଁଶାଳ, ପୁସ୍ତମ୍ଭ ରଣା, ପରମେଶ୍ୱର ହେର୍ଣା, ପବିତ୍ର କାଣ୍ଡ, ଡିଙ୍ଗର ନାଏକ, ପରମେଶ୍ୱର ନାଏକ, ଉପେନ୍ଦ୍ର ନାଗ, ତ୍ରିଲୋଚନ ଦାସ, ସଂଯୋଜକ ବିଜୟ ଅଗ୍ରୱାଲଙ୍କ ସମେତ ଛଞ୍ଚାଣ ବାହାଲି ଗ୍ରାମବାସୀ ସହଯୋଗ କରିଛନ୍ତି । ସୂଚନାଯୋଗ୍ୟ, ୨୫ରେ କଳସ ଯାତ୍ରା ରହିଛି । ୨୬ରେ ଅଖଣ୍ଡ ନାମଯଜ୍ଞ ହେବ । ୨୭ରେ ଦାଧିହାଣ୍ଡି ଭଗ୍ନ ସହ ପୂର୍ଣ୍ଣାହୂତି ସମ୍ପନ୍ନ ହେବ ।

# ତୀର୍ଥଯାତ୍ରାରେ ଗଲେ ୭୨ ବରିଷ୍ଠ ନାଗରିକ



**ନୂଆପଡ଼ା, ୧୯।୨(ସମିସ):** ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ନୂଆପଡ଼ା ଜିଲ୍ଲାରୁ ୭୨ ଜଣ ବରିଷ୍ଠ ନାଗରିକ ତୀର୍ଥଯାତ୍ରାରେ ବାହାରିଛନ୍ତି । ସେମାନେ ଆସାମର କାମାକ୍ଷା ଦେବୀ ମନ୍ଦିର ଓ କୋଲକାତାର ଦକ୍ଷିଣ କାଳୀ ମନ୍ଦିର ତଥା ଅନ୍ୟ ଦର୍ଶନୀୟ ସ୍ଥାନ ଏକ ସପ୍ତାହ ଧରି ଭ୍ରମଣ କରିବାର ଯୋଜନା ରହିଛି । ତୀର୍ଥଯାତ୍ରୀଙ୍କ ବସ୍‌କୁ ଅତିରିକ୍ତ ଜିଲ୍ଲାପାଳ ସୁବାସ ଚନ୍ଦ୍ର ରଇତ ସବୁଜ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ । ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ ଚନ୍ଦ୍ର ମହାର, ନୂଆପଡ଼ା ବିଜ୍ଞାପିତ ପରିଷଦ ନିର୍ବାହୀ ଅଧିକାରୀ କୁରୁକ୍ଷେତ୍ର ନାଏକ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ବିଜୟ ଛତ୍ରିଆ, ରାଜସ୍ୱ ବିଭାଗର ବରିଷ୍ଠ ସହାୟକ ବିଭୁଦତ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ଯାତ୍ରୀ ସହାୟତା ପାଇଁ ରାଜସ୍ୱ ସହାୟକ ଓମ୍‌ପ୍ରକାଶ ମାଝୀ ଏବଂ ପ୍ରସନ୍ନ ମେହେର ଏମାନଙ୍କ ସହିତ ଯାତ୍ରା କରିଛନ୍ତି । ସମସ୍ତ ଯାତ୍ରୀ ରାୟଗଡ଼ା ରେଳ ଷ୍ଟେସନରୁ ଏକ ସ୍ୱତନ୍ତ୍ର ରେଳ ଯୋଗେ କଲିକତା ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି । ଜିଲ୍ଲାପାଳ ମଧୁସୂଦନ ଦାଶ ସମସ୍ତ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀଙ୍କ ପାଇଁ ଏକ ନିରାପଦ ଏବଂ ସୁଖମୟ ଯାତ୍ରାର କାମନା କରିଛନ୍ତି ।

# ଜିଲ୍ଲାପାଳଙ୍କ ସହ ଆଦିବାସୀ କଲ୍ୟାଣ ସଂଘର ଆଲୋଚନା

**ନୂଆପଡ଼ା, ୧୯।୨(ସମିସ):**



ନୂଆପଡ଼ା ଆଦିବାସୀ କଲ୍ୟାଣ ସଂଘ ଜିଲ୍ଲାର ସମସ୍ୟାଗୁଡ଼ିକ ଉପରେ ବିଭିନ୍ନ ସମୟରେ ପ୍ରଶାସନର ଦ୍ୱାରସ୍ଥ ହୋଇଛି । ଏହାକୁ ଭିତ୍ତି କରି ସଂଘ ସେମାନଙ୍କ ସମ୍ପ୍ରଦାୟର ବିଭିନ୍ନ ସମସ୍ୟା ବାବଦରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ସହିତ ବୈଠକରେ ଆଲୋଚନା କରିଛନ୍ତି । ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ ବିଗତ ମିଟିଂରେ ଉପସ୍ଥାପିତ ବିଭିନ୍ନ ସମସ୍ୟାର ସମାଧାନ ବାବଦରେ ଗୃହକୁ ଜଣାଇଥିଲେ । ଆଦିବାସୀ ନେତାମାନେ ସେମାନଙ୍କ ସମସ୍ୟା ଉତ୍ଥାପନ କରିଥିଲେ । ଏହି ଅବସରରେ ଜିଲ୍ଲାପାଳ କହିଥିଲେ ଯେ, ଆଦିବାସୀ ବିଦ୍ୟାଳୟଗୁଡ଼ିକରେ ପ୍ରଶିକ୍ଷିତ ଶିକ୍ଷକ ନିଯୁକ୍ତ ସହିତ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି କରାଯିବ । ଅନ୍ୱେଷା ଛାତ୍ରାବାସରେ ଠିକ ଖାଦ୍ୟପେୟ ବ୍ୟବସ୍ଥା ଏବଂ ସମସ୍ତ ସୁବିଧା ଯୋଗାଇ ଦିଆଯିବ । ସେମାନଙ୍କୁ ସେଠାରୁ ସ୍କୁଲ୍ ପର୍ଯ୍ୟନ୍ତ ଯିବାଆସିବା ପାଇଁ ହେଉଥିବା ଅସୁବିଧା ଦୂର କରାଯିବ । ଆଦିବାସୀମାନଙ୍କୁ ଜଙ୍ଗଲ ଜମି ପଟ୍ଟା ଯୋଗାଇ ଦିଆଯିବ । ନୂଆପଡ଼ା ନ୍ୟାସନାଲ କଲେଜ, ସାଇନ୍ସ କଲେଜ୍ ଏବଂ ଖଡ଼ିଆଳ ମଡେଲ ଡିଗ୍ରୀ କଲେଜରେ ଆଦିବାସୀ ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ହଷ୍ଟେଲ ନିର୍ମାଣ କରାଯିବ । ମିଥ୍ୟା ଆଦିବାସୀ ପ୍ରମାଣପତ୍ର ପ୍ରଦାନ ରୋକିବା ପାଇଁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଦାଦନ ଶ୍ରମିକ ଚାଲାଣ ରୋକିବା ଉପରେ ଜିଲ୍ଲା ପ୍ରଶାସନ ଦୃଢ଼ ପଦକ୍ଷେପ ଗ୍ରହଣ କରିଥିବାରୁ ଜିଲ୍ଲାପାଳଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା । ମନରେଗାରେ ଦୈନିକ ୫୪ହଜାର ଶ୍ରମିକ କାମ କରୁଛନ୍ତି । ଠିକ୍ ସମୟରେ ମଜୁରୀ ପାଇ ପାରୁଥିବାରୁ ନୂଆପଡ଼ା ଜିଲ୍ଲା ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛି । ପୂର୍ତ୍ତ ବିଭାଗ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଆଦିବାସୀ ଅଞ୍ଚଳରେ ଉନ୍ନତମାନର ରାସ୍ତା ନିର୍ମାଣ କରାଯିବ । ଜମି ହରାଇଥିବା ପରିବାର ଅତିଶିଘ୍ର ସମସ୍ତ କ୍ଷତି ପୂରଣ ପାଇବେ । କୃଷି ତଥା ଜଳସେଚନ କ୍ଷେତ୍ରରେ ଆଦିବାସୀମାନେ ସମ୍ମୁଖୀନ ହେଉଥିବା ଅସୁବିଧା ସବୁର ଶୀଘ୍ର ସମାଧାନ କରାଯିବ । ବେଆଇନ ମଦ ବିକ୍ରି ଉପରେ କଠୋର କାର୍ଯ୍ୟାନୁଷ୍ଠନ ଗ୍ରହଣ କରାଯିବ ବୋଲି ବୈଠକରେ ଜିଲ୍ଲାପାଳ ମତପ୍ରକାଶ କରିଥିଲେ ।

ବୈଠକରେ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ଡେପୁଟୀ କଲେକ୍ଟର ଶେଖ୍ ନସିମ, ଡ. ସବ୍ୟସାଚୀ ସାହୁ, ଏପିଡି ଯୋଗେଶ୍ୱର ଭୋଇ, ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ସମସ୍ତ ତହସିଲଦାର ଏବଂ ବିଭିନ୍ନ ଆଦିବାସୀ ନେତାଙ୍କ ମଧ୍ୟରୁ ହୋମ୍ ସିଂ ମାଝୀ, ଭାନୁ ପ୍ରତାପ ସିଂ, ବାଳକୃଷ୍ଣ ଶବର୍, ସରୋଜିନୀ ମାଝୀ, ବଟକୃଷ୍ଣ ପରିଡ଼ା, ଈଶ୍ୱର ନାଏକ ଯୋଗଦେଇଥିଲେ ।

# ସୁବର୍ଣ୍ଣପୁରରେ ଏଯାଏଁ ଖୋଲିନି କେନ୍ଦୁପତ୍ର ଡିଭିଜନ୍ କାର୍ଯ୍ୟାଳୟ



**୩ଟି ଡିଭିଜନ୍ ଅଧୀନରେ ଜିଲ୍ଲା**

**ପ୍ରତିବର୍ଷ ରାଜସ୍ୱ ଆଦାୟ ହୁଏ ୮ କୋଟି**

**ସରକାରୀ ସୁବିଧା ବାବଦରେ ଅବଗତ ହୋଇପାରୁ ନାହାନ୍ତି ତୋଳାଳି**

**ସୋନପୁର, ୧୯।୨(ସମିସ):** ଆଉଦିନେ କି ଦୁଇଦିନ ପରେ ସାରା ପଶ୍ଚିମଓଡ଼ିଶାରେ କେନ୍ଦୁ ବୁଦା କଟା ଆରମ୍ଭ ହୋଇଯିବ। ସୁବର୍ଣ୍ଣପୁର ଜିଲ୍ଲାରେ ୨୧ ତାରିଖଠାରୁ ଆରମ୍ଭ ହେବାର ସୂଚନା ମିଳିଛି। ଡହଡହ ଖରାରେ ଅଞ୍ଚଳର ଲକ୍ଷାଧିକ ଲୋକଙ୍କୁ କେନ୍ଦୁପତ୍ର ଆହାର ଯୋଗାଉଥିବାରୁ ଏହାକୁ ସବୁଜହୀରା ମଧ୍ୟ କୁହାଯାଏ। ତେବେ ସୁବର୍ଣ୍ଣପୁର ଜିଲ୍ଲାକୁ କେନ୍ଦୁପତ୍ର କ୍ଷେତ୍ରରେ ଘୋର ଅଣଦେଖା କରାଯାଉଥିବା ଅଭିଯୋଗ ହେଉଛି। ପଶ୍ଚିମଓଡ଼ିଶାରେ ଏକ କଥା ଅଛି 'ତିନ୍ ସାହାଜି କାଁକେର୍ ବାଏର୍'। ସୁବର୍ଣ୍ଣପୁର ଜିଲ୍ଲାର ସବୁଜହୀରା ଏବେ ତିନ୍ ସାହାଜି ଅବସ୍ଥାରେ। ତିନୋଟି କେନ୍ଦୁପତ୍ର ଡିଭିଜନ୍ ଅଧୀନରେ ରହିଛି ସୁବର୍ଣ୍ଣପୁର ଜିଲ୍ଲା। ଜିଲ୍ଲା ଗଠନର ୩୧ ବର୍ଷ ପରେ ମଧ୍ୟ ମଧ୍ୟ ଏଠାରେ କେନ୍ଦୁପତ୍ର ଡିଭିଜନ୍ କାର୍ଯ୍ୟାଳୟ ଖୋଲିପାରିଲା ନାହିଁ। ଜିଲ୍ଲାରେ ୯ଟି କେନ୍ଦୁପତ୍ର ରେଞ୍ଜ୍ ରହିଛି। ହେଲେ ବଲାଙ୍ଗିର, ସମ୍ବଲପୁର ଏବଂ ରେଢ଼ାଖୋଲ ଡିଭିଜନ୍ ଅଧୀନରେ ସୁବର୍ଣ୍ଣପୁର ଜିଲ୍ଲାର ୯ଟି କେନ୍ଦୁପତ୍ର ରେଞ୍ଜ କାମ କରୁଛି। ତେଣୁ ଗୋଟିଏ ବିଭାଗ ହେଲେ ମଧ୍ୟ ସମାନ ଡିଭିଜନ ନହୋଇ ୩ଟି ଡିଭିଜନ ହୋଇଥିବାରୁ ତାଳମେଳ ରହୁ ନଥିବା ପରିଲକ୍ଷିତ ହେଉଛି। ଫଳରେ ପ୍ରତିବର୍ଷ ତୋଳାଳିମାନେ ଶୋଷଣର ଶିକାର ହେଉଥିବା ବେଳେ ସବୁଜ ହୀରାର ବ୍ୟାପକ ହରିଲୁଟ ହେଉଥିବା ଅଭିଯୋଗ ହେଉଛି।ତୋଳାଳିମାନେ କୌଣସି ଅଭିଯୋଗ ଦାଖଲ ପାଇଁ ଚାହିଁଲେ ବି ଦୂରରେ ଡିଭିଜନ୍ କାର୍ଯ୍ୟାଳୟ ଥିବାରୁ ସେଠାକୁ ଯାଇ ଅଭିଯୋଗ ଦାଖଲ କରିବାରେ ଅଯଥାରେ ଖର୍ଚ୍ଚାନ୍ତରେ ପଡୁଛନ୍ତି। ଗୋଛାକଟା, ପତ୍ରତୋଳା, ପତ୍ର ଶୁଖା ଆଦି ପ୍ରକ୍ରିୟାରେ ବିଭିନ୍ନ ଫଡ଼ିରେ ଦ୍ୱନ୍ଦ୍ୱ ଦେଖାଦେଲେ ମଧ୍ୟ ତୋଳାଳିମାନେ ବାଧ୍ୟ ହୋଇ ମୁହଁ ବନ୍ଦ କରିରହୁଛନ୍ତି। ଫଡ଼ିଘର ନିର୍ମାଣ ଓ ମରାମତି ନାମରେ ଜିଲ୍ଲାରେ ପ୍ରତିବର୍ଷ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। ବିଭିନ୍ନ ସ୍ଥାନରେ ଏହି ସବୁ କାମରେ ଅନିୟମିତତା ହେଉଥିବା ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ କେହି ଶୁଣିବା ପାଇଁ ନାହାନ୍ତି। କେଉଁ ଫଡ଼ିଘର କେତେ ଟଙ୍କାରେ ମରାମତି ହେଲା ତାର ସଠିକ ତଥ୍ୟ ମିଳିପାରୁ ନାହିଁ। ଜଙ୍ଗଲ ଡଙ୍ଗର ଘେରା ସୁବର୍ଣ୍ଣପୁର ଜିଲ୍ଲାକୁ ସବୁଜହୀରାର ଖଣି କହିଲେ ଅତ୍ୟୁକ୍ତି ହେବ ନାହିଁ। ପ୍ରତିବର୍ଷ ସରକାରୀ ଭାବେ ଜିଲ୍ଲାରୁ ୮କୋଟିରୁ ଅଧିକ ଟଙ୍କାର ରାଜସ୍ୱ ଆଦାୟ ହେଉଥିଲେ ମଧ୍ୟ ଡିଭିଜନ୍ ଖୋଲିବା ପାଇଁ ପଦକ୍ଷେପ ନିଆଯାଉ ନାହିଁ। ଜିଲ୍ଲାରେ ପ୍ରତିବର୍ଷ ୫୦ ହଜାରରୁ ଅଧିକ ଶ୍ରମିକ କେନ୍ଦୁପତ୍ର ତୋଳିବା କାର୍ଯ୍ୟରେ ନିୟୋଜିତ ହୋଇଥାନ୍ତି। ତେବେ ଜିଲ୍ଲା ସଦରମହକୁମାରେ ଡିଭିଜନ୍ କାର୍ଯ୍ୟାଳୟ ନଥିବାରୁ ପତ୍ର ତୋଳାଳିଙ୍କୁ ରାଜ୍ୟ ସରକାରଙ୍କ ଠାରୁ ମିଳୁଥିବା ସୁବିଧା ସୁଯୋଗ ବିଷୟରେ ଅବଗତ ହୋଇପାରୁନାହାନ୍ତି। ସୂଚନାଯୋଗ୍ୟ ଉଲୁଣ୍ଡା, ସିଣ୍ଢୋଲ, ଜାଲୋଏ ଆଦି ରେଞ୍ଜ ସମ୍ବଲପୁର ଡିଭିଜନ ଅଧୀନରେ ଥିବାବେଳେ ବଡକିରାସିରା, ବହଳପଦର ରେଞ୍ଜ ରେଢାଖୋଲ ଡିଭିଜନ ଅଧୀନରେ ରହିଛି। ସେହିପରି ତରଭା, ବିନିକା, ଖଲିଆପାଲି, ସିଙ୍ଗବାହାଲି କେନ୍ଦୁପତ୍ର ରେଞ୍ଜ ବଲାଙ୍ଗିର ଡିଭିଜନ୍ ଅଧୀନରେ ରହିଛି। କେନ୍ଦୁପତ୍ର ତୋଳାଳିଙ୍କ ସାମଗ୍ରୀକ ବିକାଶ ଏବଂ ସବୁଜହୀରାର ଜିଲ୍ଲା ସୁବର୍ଣ୍ଣପୁରରେ କେନ୍ଦୁପତ୍ର ଡିଭିଜନ କାର୍ଯ୍ୟାଳୟ ଖୋଲିବା ପାଇଁ ସାଧାରଣରେ ଦାବି ହେଉଛି।

## ● ସେମାନେ ଯାହା କୁହନ୍ତି...



ଜିଲ୍ଲା ଗଠନ ହେବା ଦିନରୁ ଆମେ ସୋନପୁରରେ କେନ୍ଦୁପତ୍ର ଡିଏଫ୍ଓ ଅଫିସ୍ ଖୋଲିବା ପାଇଁ ଦାବି କରିଆସୁଛୁ, ହେଲେ କେହି କର୍ଣ୍ଣପାତ କରୁନାହାନ୍ତି। ଜିଲ୍ଲାରୁ ଉନ୍ନତମାନର କେନ୍ଦୁପତ୍ର ମିଳିଥାଏ। ଏହି ବ୍ୟବସାୟରେ ସୁବର୍ଣ୍ଣପୁର ଜିଲ୍ଲାର ସିଂହଭାଗ ଅବଦାନ ରହିଛି। ଏଠାରେ ଡିଭିଜନାଲ ଅଫିସ୍ ନଥିବାରୁ ତୋଳାଳିଙ୍କ ସେସ୍ ଓ କର୍ମଚାରୀଙ୍କ ପେନସନ ଆଦି ପାଇଁ ବିଭିନ୍ନ ଜିଲ୍ଲା ଯିବାକୁ ପଡୁଛି। ତୁରନ୍ତ ଜିଲ୍ଲାରେ କେନ୍ଦୁପତ୍ର ଡିଏଫ୍ଓ ଅଫିସ୍ ଖୋଲାଯାଉ।

**ଗୋବିନ୍ଦ ମହାରଣା, ଶ୍ରମିକ ନେତା**



ସୁବର୍ଣ୍ଣପୁର ଜିଲ୍ଲାବାସୀଙ୍କ ଦାବିକୁ ସବୁବେଳେ ଅଣଦେଖା କରାଯାଉଛି। ତିନୋଟି ଜିଲ୍ଲାର କେନ୍ଦୁପତ୍ର ଡିଏଫ୍ଓଙ୍କ ଅଧୀନରେ ସୁବର୍ଣ୍ଣପୁର ଜିଲ୍ଲାର କେନ୍ଦୁପତ୍ର ତୋଳାଳିମାନେ ରହିଛନ୍ତି। ଆବଶ୍ୟକ ହେଲେ ତାଙ୍କୁ ବିଭିନ୍ନ ଜିଲ୍ଲାକୁ ଯିବାକୁ ପଡୁଛି। ତେଣୁ ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଶୀଘ୍ର କେନ୍ଦୁପତ୍ର ଡିଏଫଓ ଅଫିସ୍ ଖୋଲାଯାଉ ନଚେତ ତୀବ୍ର ଆନ୍ଦୋଳନ କରାଯିବ।

**ପ୍ରିୟବ୍ରତ ସାହୁ, କଂଗ୍ରେସ ନେତା**



ଅଞ୍ଚଳର ଲକ୍ଷଲକ୍ଷ ଲୋକଙ୍କୁ କେନ୍ଦୁପତ୍ର ଆହର ଯୋଗାଉଥିବାରୁ ଏହାକୁ ସବୁଜ ହିରା କୁହାଯାଏ। ତେବେ ଯେଉଁ କାର୍ଯ୍ୟାଳୟର ଅଧିକାରୀ ଏହାକୁ ତତ୍ତ୍ୱାବଧାନ କରନ୍ତେ ଜିଲ୍ଲାରେ ସେହି କାର୍ଯ୍ୟାଳୟ ନାହିଁ। ତିନୋଟି ଜିଲ୍ଲାର ଡିଏଫଓଙ୍କ ଅଧୀନରେ ଏହି ଜିଲ୍ଲାର କେନ୍ଦୁପତ୍ର ତୋଳାଳିମାନେ ଥିବାରୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଯଥାଶୀଘ୍ର ସୁବର୍ଣ୍ଣପୁର ଜିଲ୍ଲାରେ କେନ୍ଦୁପତ୍ର ଡିଏଫ୍ଓ ଅଫିସ୍ ଖୋଲାଯାଉ।

**ସୀତାଂଶୁ ଶେଖର ମିଶ୍ର, ସଚେତନ ନାଗରିକ ମଞ୍ଚ ସଭାପତି**

# ଦିନଦ୍ୱିପ୍ରହରରେ ସଶସ୍ତ୍ର ଡକାୟତି

ମନମୁଣ୍ଡା, ୧୯ ।୨(ସମିସ): ମନମୁଣ୍ଡା ଥାନା ଯୋଗିନ୍ଦ୍ରପୁର ଛକଠାରୁ ଅଳ୍ପ ଦୂରରେ ଜଣେ ବ୍ୟକ୍ତି ଦିନ ଦ୍ୱିପ୍ରହରରେ ସଶସ୍ତ୍ର ଡକାୟତିର ଶିକାର ହୋଇଛନ୍ତି। ତାଙ୍କଠାରୁ ୧୮ ହଜାର ଟଙ୍କା ଡକାୟତି ହୋଇଥିବା ଅଭିଯୋଗ ହୋଇଛି। ନଦିଆନଗର ଗ୍ରାମର ନଟବର ବଣ୍ଡି ଏହି ଲୁଟର ଶିକାର ହୋଇଛନ୍ତି। ଏକ ବାଇକ୍ ଯୋଗେ ସେ ବୁଧବାର ଅପରାହ୍ନ ପ୍ରାୟ ୨ଟାରେ ମନମୁଣ୍ଡା ଦିଗରୁ ନିଜ ଘରକୁ ଯାଉଥିଲେ। ଯୋଗିନ୍ଦ୍ରପୁର ଛକଠାରୁ ଅଳ୍ପ ଦୂରରେ ପ୍ରାୟ ୯ ଜଣ ମୁଖାପିନ୍ଧା ଦୁର୍ବୃତ୍ତ ତାଙ୍କୁ ଅଟକାଇ ଥିଲେ। ସେ ଅଟକିବା ପରେ ମାଡ ମାରି ପିସ୍ତଲ ଏବଂ କାତି ଦେଖାଇ ଜୀବନରୁ ମାରି ଦେବାର ଧମକ ଦେଇଥିଲେ। ଏହାପରେ ତାଙ୍କଠାରୁ ମନି ପର୍ସ ଛଡାଇ ନେଇ ପଳାଇଥିଲେ। ପର୍ସରେ ୧୮ ହଜାର ଟଙ୍କା, ଏଟିଏମ୍ କାର୍ଡ, ଆଧାର, ବାଇକ ଆର୍‌ସି କାର୍ଡ ଇତ୍ୟାଦି ଥିଲା। ସନ୍ଧ୍ୟାରେ ସେ ଏ ନେଇ ଥାନାରେ ଅଭିଯୋଗ କରିଛି।

# ଗୋଷ୍ଠୀ ମାନସିକ ସ୍ୱାସ୍ଥ୍ୟ ଓ ବିକାଶ କାର୍ଯ୍ୟକ୍ରମ

ତରଭା, ୧୯।୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ରେଆର ଓ ବେଙ୍ଗାଲୋରର ବେସିକ ନିଡ୍ ଇଣ୍ଡିଆ ମିଳିତ ସହାୟତାରେ ଗୋଷ୍ଠୀ ମାନସିକ ସ୍ୱାସ୍ଥ୍ୟ ଓ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି। ଆଗାମୀ ୩ବର୍ଷ ପାଇଁ ହେବାକୁ ଥିବା କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ତରଭା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗଙ୍ଗାରାମ ବୁଡ଼େକ, ଜିଲ୍ଲା ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ରାଜ୍ୟ ସଂଯୋଜକ ରାଜୀବ କର୍ମୀ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ରମେଶ ଚନ୍ଦ୍ର ସ୍ୱାଇଁ, ତିଖାରାମ ପଟେଲ, ଶିବାକର୍ମୀ, ଅନୁପ ରଞ୍ଜନ ଦାଶ, ଏସବିଆରଏସଇଟିଆଇ ଅସିତ ପାଣିଗ୍ରାହୀ, ତରଭା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିପିଏମ ଅଶୋକ ମିଶ୍ର, ସହକାରୀ କୃଷି ଅଧିକାରୀ ଲିପ୍ସା ତ୍ରିପାଠୀ, ବ୍ଲକ ମିଶନ ଶକ୍ତି ମନୋଜ ବାଘ ଓ ରେଆର ଅନୁଷ୍ଠାନର ସାଧାରଣ ସମ୍ପାଦକ ଅନଙ୍ଗ ନେଗି ଯୋଗଦେଇଥିଲେ। ମାନସିକ ଅସୁସ୍ଥ ବ୍ୟକ୍ତି ଏବଂ ପରିବାର ଲୋକଙ୍କୁ ସମାଜରେ ଅନେକ ସମସ୍ୟାରେ ସମ୍ମୁଖୀନ ହେବାକୁ ପଡ଼ିଥାଏ। ପ୍ରାଥମିକ ସ୍ତରରେ ବ୍ଲକର ୧୫ଟି ପଞ୍ଚାୟତରେ ଏହା କାର୍ଯ୍ୟକରିବ। ତରଭା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ଲୋକମାନେ କିପରି ମାନସିକ ରୋଗ ଉପରେ ସଚେତନ ହେବେ, ନିୟମିତ ଡାକ୍ତରୀ ଚିକିତ୍ସାକୁ ଆପଣେଇବେ ସେ ସମ୍ବନ୍ଧେ ମନ୍ତବ୍ୟ ରଖିଥିଲେ। ଜିଲ୍ଲା ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରୁ ଆସିଥିବା ଅଧିକାରୀ ଏହି ବିଷୟରେ ବ୍ୟାପକ ଆଲୋଚନା କରିଥିଲେ। ବ୍ଲକସ୍ତରୀୟ ଶିଶୁ ବିକାଶ ପ୍ରକଳ୍ପର ପରିଦର୍ଶିକା, ସରପଞ୍ଚ ପ୍ରମୁଖ ଚିହ୍ନଟ ପ୍ରକ୍ରିୟାରେ ତୃଣମୂଳସ୍ତରର ଅଙ୍ଗନବାଡ଼ି କର୍ମୀଙ୍କୁ ସାମିଲ କରିବା ଉପରେ ମତ ରଖିଥିଲେ। କାର୍ଯ୍ୟକ୍ରମକୁ ରେଆର ମାନସିକ ପ୍ରକଳ୍ପ ସଂଯୋଜକ ଧନୁର୍ଦ୍ଧର ନାଏକ ପରିଚାଳନା କରିଥିବାବେଳେ ସ୍ୱପ୍ନା ମହାଲିଙ୍ଗଙ୍କ ସମେତ ସମସ୍ତ ଗୋଷ୍ଠି ସୁବିଧାଦାତା ସହଯୋଗ କରିଥିଲେ। ଶେଷରେ କ୍ଷେତ୍ର କର୍ମୀ ମିତ୍ରଭାନୁ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଜଳସ୍ୱଚ୍ଛଳ ପଞ୍ଚାୟତ ପ୍ରତିନିଧିଙ୍କ ସଚେତନତା ତାଲିମ କାର୍ଯ୍ୟକ୍ରମ




ବୌଦ୍ଧ, ୧୯ ।୨(ସମିସ): ବୌଦ୍ଧ ଜିଲ୍ଲା ପରିଷଦ ପଞ୍ଚାୟତ ଭବନରେ ଜଳ ସ୍ୱଚ୍ଛଳ ପଞ୍ଚାୟତ ପ୍ରତିନିଧିମାନଙ୍କ ସଚେତନତା ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୌଦ୍ଧ ଜିଲ୍ଲା ପରିଷଦ ପକ୍ଷରୁ ଆରମ୍ଭ ହୋଇଥିବା ଏହି ତାଲିମ କାର୍ଯ୍ୟକ୍ରମରେ ବୌଦ୍ଧ ଜିଲ୍ଲାର ଜଳ ସ୍ୱଚ୍ଛଳ ଥିବା ବିଭିନ୍ନ ପଞ୍ଚାୟତର ସରପଞ୍ଚ, ନିର୍ବାଚିତ କର୍ମକର୍ତ୍ତା, ସିଆରପି ଓ ଏମ୍‌ବିକେ ଅଂଶଗ୍ରହଣ କରିଥିଲେ। ପ୍ରକଳ୍ପ ପରିଚାଳିକା ଅମ୍ରିତା ପ୍ରିୟଦର୍ଶିନୀ ପଣ୍ଡା, ଜିଲ୍ଲା ପ୍ରକଳ୍ପ ପରିଚାଳକ ବିକ୍ରମ ସିଂ ଯୋଗଦେଇ ଜଳ ପରିଚାଳନା, ସୁଷମ ବଣ୍ଟନ ସମ୍ପର୍କରେ ତାଲିମ ଦେଇଥିଲେ। ନିରାପଦ ଜଳ ଯୋଗାଣ, ଉତ୍ତମ ଜଳ ପରିଚାଳନା, କୃଷି, ଜଳସମ୍ପଦର ସଂରକ୍ଷଣ, ସମସ୍ତ ଆବଶ୍ୟକତା ସହ ଗାଁର ସମସ୍ତଙ୍କୁ ଟ୍ୟାପ ଯୋଗେ ପାନୀୟ ଜଳ ସଂଯୋଗ ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି।

# କଳାକାର ଦୁଃଖିଶ୍ୟାମ ପୂଜାହାରୀଙ୍କ ପରଲୋକ

ତରଭା, ୧୯।୨(ସମିସ): ତରଭା ବ୍ଲକ କମସରାର ରାମଲୀଳା କଳାକାର ତଥା ଜଗନ୍ନାଥ ମନ୍ଦିରର ପୂଜକ ଦୁଃଖିଶ୍ୟାମ ପୂଜାହାରୀ (୮୮)ଙ୍କ ବୁଧବାର ବଲାଙ୍ଗୀର ଭୀମଭୋଇ ମେଡ଼ିକାଲ କଲେଜ ହସ୍ପିଟାଲରେ ପରଲୋକ ହୋଇଯାଇଛି। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ ରୁକ୍ମଣୀ, ପୁଅ ପ୍ରଫୁଲ୍ଲ, ଚକ୍ରାୟୁଦ୍ଧ, ନିଳାଞ୍ଚଳ, ନିରଞ୍ଜନ ଝିଅ କମଳିନି, ପଙ୍କଜିନିଙ୍କ ସମେତ ପରିବାର ବର୍ଗ ଉପସ୍ଥିତ ଥିଲେ। ସ୍ଥାନୀୟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା, ବଡ଼ପୁଅ ପ୍ରଫୁଲ୍ଲ ମୁଖାଗ୍ନି ଦେଇଥିଲେ। ଦୁଃଖିଶ୍ୟାମ ଜଣେ ଶାନ୍ତଶିଷ୍ଟ ବ୍ୟକ୍ତି ଭାବେ ପରିଚିତ ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକପ୍ରକାଶ ପାଇଛି।

# କେନ୍ଦୁପାଲିରେ ଆଇନ ସଚେତନତା ଶିବିର




**ସୁବଳୟା/ବୀରମହାରାଜପୁର, ୧୯।୨(ସମିସ):** ବୀରମହାରାଜପୁର ବ୍ଲକ ଅଧୀନ କେନ୍ଦୁପାଲି ଉନ୍ନୀତ ଉଚ୍ଚବିଦ୍ୟାଳୟରେ ତାଲୁକ ଆଇନସେବା କମିଟି ପକ୍ଷରୁ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବରିଷ୍ଠ ଦେୱାନି ଜଜ୍ ତଥା କମିଟିର ଅଧ୍ୟକ୍ଷା ସରୋଜିନୀ ସାହୁ ଏବଂ ସମ୍ମାନିତ ଅତିଥି ଭାବେ ଏସଡିଜେଏମ ପୁନମ ସେଠ, ଆଇନଜୀବୀ ଶଙ୍କର୍ଷଣ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। କେନ୍ଦୁପାଲି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଇନ୍ଦିରା ମିଶ୍ର କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଶିକ୍ଷକ ସୀତାଂଶୁ ଶେଖର ଖମାରୀ ସଭାର ସଂଯୋଜନା କରିଥିବାବେଳେ ବିଚାର ବିଭାଗୀୟ କର୍ମଚାରୀ ସଞ୍ଜୀବ ବାରିକ, ଶେଷଦେବ କୁଦେଇ, ରବିନାରାୟଣ ଅମାତ ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷକ ଅମରେଶ ତ୍ରିପାଠୀ, ବିଷ୍ଣୁପ୍ରସାଦ ଧଳ, ଦେବାଶିଷ ମିଶ୍ର ଓ ଶିକ୍ଷୟିତ୍ରୀ ଅର୍ପିତା ହୋତା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶିକ୍ଷକ ଦିବ୍ୟରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# କନ୍ଧମାଳ ବ୍ଲକ୍ ଶିକ୍ଷା କାର୍ଯ୍ୟାଳୟ ଅଚଳ

**ମନମୁଣ୍ଡା, ୧୯ ।୨(ସମିସ):** ଶିକ୍ଷା ବିଭାଗରେ କାମ କରୁଥିବା ହିସାବ ରକ୍ଷକ ଓ ଏମଆଇଏମ୍ ମିଳିତ ସଂଘ ସମଗ୍ର ଶିକ୍ଷା ଓସେପାର ଆହ୍ୱାନ କ୍ରମେ ଜାନୁଆରୀ ୨୯ରୁ ରାଜ୍ୟର ମିଳିତ ସମଗ୍ର ଶିକ୍ଷା ଯୋଜନାରେ କାର୍ଯ୍ୟରତ ସମସ୍ତ ହିସାବ ରକ୍ଷକ ଓ ଏମଆଇଏସ ସଂଯୋଜକ ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି। ଭୁବନେଶ୍ୱର ପିଏମଜିଠାରେ ଏମାନେ ଧାରଣରେ ବସିଛନ୍ତି। ଏହାଫଳରେ ଅନ୍ୟ ବ୍ଲକ ପରି କନ୍ଧମାଳ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ମଧ୍ୟ ଅଚଳ ହୋଇ ପଡ଼ିଛି। ଏହି ବ୍ଲକର ପୂର୍ଣ୍ଣଚନ୍ଦ୍ର ସେନାପତି, ରାମେଶ୍ୱର ପାତ୍ର ଓ ସୂର୍ଯ୍ୟନାରାୟଣ ପଟ୍ଟନାୟକ ଆନ୍ଦୋଳନରେ ସାମିଲ ଅଛନ୍ତି। ଏଣୁ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ କୌଣସି ସରକାରୀ କାର୍ଯ୍ୟ ହୋଇ ପାରୁନାହିଁ। ବ୍ଲକଠାରୁ ଜିଲ୍ଲା ପର୍ଯ୍ୟନ୍ତ ଅନ୍‌ଲାଇନ କାମ ସମ୍ପୂର୍ଣ୍ଣ ପ୍ରଭାବିତ ହୋଇପଡ଼ିଛି। ସମସ୍ତ ଶିକ୍ଷକ ଦରମା ନ ପାଇ ହଇରାଣ ହେଉଛନ୍ତି। ଓସେପା ରାଜ୍ୟ ଅଧିକାରୀଙ୍କ କାମ ନାହିଁ ତ ଦରମା ନାହିଁ ଚିଠିକୁ ଏହି ସ୍ୱଳ୍ପ ବେତନ ପାଉଥିବା କର୍ମଚାରୀ ଖାତିର ନ କରି ନିଜର ଦାବି ପୂରଣ ନିମନ୍ତେ ଅଦ୍ୟାବଧି କାର୍ଯ୍ୟ ବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି। ଆନ୍ଦୋଳନ ଯୋଗୁଁ ବ୍ଲକଠାରୁ ଆରମ୍ଭ କରି ଜିଲ୍ଲା ଓ ରାଜ୍ୟସ୍ତର ପର୍ଯ୍ୟନ୍ତ ସମସ୍ତ ଶିକ୍ଷା ବିଭାଗର କାମ ଏକ ପ୍ରକାର ଅଚଳ ହୋଇ ପଡ଼ିଛି। ଓସେପା ରାଜ୍ୟ ଅଧିକାରୀ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଡିଜି ଗର୍ମେଣ୍ଟ ସଫ୍ଟୱେରରେ ଆକାଉଣ୍ଟାଣ୍ଟଙ୍କ ପରିବର୍ତ୍ତେ ଅନ୍ୟ କୌଣସି କର୍ମଚାରୀଙ୍କ ନାମରେ ପଞ୍ଜିକରଣ ବା ରି ଆସାଇନ୍‌ମେଣ୍ଟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ କନିଷ୍ଠ କିରାଣୀ ଓ କିଛି ଜାଗାରେ ଆଉଟ ସୋର୍ସିଂ ଡାଟା ଏଣ୍ଟ୍ରି ଅପରେଟରଙ୍କ ନାମ ପଞ୍ଜିକରଣ ହୋଇଥିବା ସତ୍ତ୍ୱେ ସେମାନଙ୍କ ପଦବୀ ସେହି ହିସାବ ରକ୍ଷକ ବା ଆକାଉଣ୍ଟାଣ୍ଟ ହିଁ ରହିଛି; ଯାହାକି ନିୟମର ବିରୁଦ୍ଧାଚରଣ। କାରଣ ଉକ୍ତ ସଫ୍ଟୱେର ସମ୍ପୂର୍ଣ୍ଣ ରୂପେ ଆର୍ଥିକ କାରବାର ସହ ଜଡ଼ିତ। ଯଦି ସେଥିରେ ଭୁଲ୍ ହୁଏ ତା ପାଇଁ କିଏ ଦାୟୀ ରହିବ ବୋଲି ପ୍ରଶ୍ନ ସୃଷ୍ଟି ହୋଇଛି। ସମୂହ ଆନ୍ଦୋଳନ ଚାଲୁ ରହିଥିବା ସତ୍ତ୍ୱେ କିଛି ଗୋଷ୍ଠୀ ଶିକ୍ଷାଧିକାରୀ ମଧ୍ୟ ବିଭିନ୍ନ ପ୍ରକାର ଧମକପୂର୍ଣ୍ଣ ଚିଠି ସହ ଅଫିସରେ ଶୀଘ୍ର ଯୋଗ ଦେବାକୁ ହୁକୁମ ଜାରି କରିଛନ୍ତି। ନ ହେଲେ ଆଇନଗତ କାର୍ଯ୍ୟାନୁଷ୍ଠାନ କିମ୍ବା ପୁଲିସର ସହାୟତା ନିଆଯିବ ବୋଲି ନାଲି ଆଖି ଦେଖାଇଛନ୍ତି। ଏହା ସମ୍ପୂର୍ଣ୍ଣ ରୂପେ ଅଗଣତାନ୍ତ୍ରିକ ଓ ଅମାନବିକତାର ପରିଚୟ ବୋଲି ସଂଘ ପକ୍ଷରୁ ଅଭିଯୋଗ ହୋଇଛି। ବିଭାଗୀୟ ଅଧିକାରୀଙ୍କ ଏଭଳି କାର୍ଯ୍ୟକୁ ମିଳିତ ସଂଘ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ଦାବି ପୂରଣ ନ ହେଲେ କାର୍ଯ୍ୟରେ ସେମାନେ ଯୋଗ ଦେବେ ନାହିଁ ବୋଲି କହିଛନ୍ତି।

# ପିଏମ୍ ବିଶ୍ୱକର୍ମା ସଚେତନତା କାର୍ଯ୍ୟକ୍ରମ

**ବୌଦ୍ଧ, ୧୯ ।୨(ସମିସ):** ବୌଦ୍ଧ ଏନଏସି ବନ୍ୟା ଆଶ୍ରୟସ୍ଥଳରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିକାଶ ବିଭାଗ ଓ ଜିଲ୍ଲା ଶିଳ୍ପ କେନ୍ଦ୍ର ଆନୁକୂଲ୍ୟରେ ପିଏମ ବିଶ୍ୱକର୍ମା ଯୋଜନାର ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଷ୍ଟେଟ ବ୍ୟାଙ୍କ ଏଲଡିଏମ ଡନ୍ ବାସ୍କୋ ଟି ଯୋଗ ଦେଇଥିବା ବେଳେ ହସ୍ତ କଳା ବିଭାଗର ପ୍ରତିନିଧି ଆଶିଷ ପଣ୍ଡା, ଜିଲ୍ଲା ଶିଳ୍ପ କେନ୍ଦ୍ରର ଶିଳ୍ପ ପରିଦର୍ଶକ ଶୁଭେନ୍ଦୁ ଶେଖର ସାହୁ, ବିଶେଷଜ୍ଞ ସୁଶାନ୍ତ ବାଘ, ବିପ୍ର ଚରଣ ମହାନ୍ତି, ସତ୍ୟାନନ୍ଦ ପାଣ୍ଡେ ପ୍ରମୁଖ ଅତିଥି ଭାବରେ ମଞ୍ଚାସୀନ ଥିଲେ। ବିଭାଗୀୟ ସହକାରୀ ନିର୍ଦ୍ଦେଶକ ଏ. ମୋଦି ସ୍ୱାଗତ ଭାଷଣ ଦେଇଥିଲେ। ବଢେଇ, କମାର, ଧୋବା, ବାରିକ ଭଳି ୧୮ ପ୍ରକାର ପାରମ୍ପରିକ ବୃତ୍ତିଧାରୀଙ୍କ ବିକାଶ ପାଇଁ ପିଏମ ବିଶ୍ୱକର୍ମା ଯୋଜନାରେ ରହିଥିବା ବିଭିନ୍ନ ତାଲିମ ଏବଂ ଆର୍ଥିକ ସହାୟତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ହିତାଧିକାରୀ କିଭଳି ଏହି ଯୋଜନାରେ ଯୋଡି ହୋଇପାରିବେ ସେ ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା। ଜିଲ୍ଲାର ବିଭିନ୍ନ ଅଞ୍ଚଳର ମହିଳା ଓ ପୁରୁଷ ପାରମ୍ପରିକ ବୃତ୍ତିଧାରୀମାନେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# ଜିଲ୍ଲାପାଳଙ୍କ ଯୁକ୍ତ ୨ ପରୀକ୍ଷା କେନ୍ଦ୍ର ପରିଦର୍ଶନ

**ବୌଦ୍ଧ, ୧୯ ।୨(ସମିସ):** ବୌଦ୍ଧ ଜିଲ୍ଲାପାଳ ସୁବ୍ରତ ପଣ୍ଡା ବୌଦ୍ଧ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର +୨ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଛନ୍ତି। ଶ୍ରୀ ପଣ୍ଡା ସମସ୍ତ ପରୀକ୍ଷା ହଲ୍‌କୁ ଯାଇ ପରୀକ୍ଷା ପରିଚାଳନା ବ୍ୟବସ୍ଥାର ତଦାରଖ କରିଥିଲେ। ପରୀକ୍ଷାର୍ଥୀଙ୍କ ପାଇଁ ଆବଶ୍ୟକ ପିଇବା ପାଣି ଓ ଓଆରଏସ ପ୍ୟାକେଟ ଉପଲବ୍ଧ ନିଶ୍ଚିତ କରାଇବା ପାଇଁ କହିଥିଲେ। ଜିଲ୍ଲାପାଳଙ୍କ ପରିଦର୍ଶନ ସମୟରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିଆର ସିଂ ଓ ଅନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ସେହିପରି ବୌଦ୍ଧ ପଞ୍ଚାୟତ କଲେଜର +୨ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ। ବୌଦ୍ଧ ପଞ୍ଚାୟତ କଲେଜରେ ବୌଦ୍ଧ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କେବିହିଷ୍ଟ କଲେଜ ଓ ବାଉଁଶୁଣୀ ସଂସ୍କାର କଲେଜର ମୋଟ୍ ୭୧୩ ଛାତ୍ରଛାତ୍ରୀ +୨ କଳାରେ ପରୀକ୍ଷା ଦେଉଛନ୍ତି। ସେଥି ମଧ୍ୟରୁ ୩୧ ଜଣ ଛାତ୍ରଛାତ୍ରୀ ପ୍ରଥମ ଦିନର ପରୀକ୍ଷାରେ ଅନୁପସ୍ଥିତ ଥିବା ପରୀକ୍ଷା କେନ୍ଦ୍ର ଅଧିକ୍ଷକ ନିରଞ୍ଜନ ମିଶ୍ର ଜିଲ୍ଲାପାଳଙ୍କୁ ସୂଚନା ଦେଇଥିଲେ। ଜିଲ୍ଲାପାଳ ଶ୍ରୀ ପଣ୍ଡା ବୌଦ୍ଧ କଲେଜ୍‌ରେ ହୋଇଥିବା ସମସ୍ତ ପରୀକ୍ଷା ହଲ୍ ବୁଲି ଦେଖିଥିଲେ। କୌଣସି ପରୀକ୍ଷାର୍ଥୀ ସ୍ମାର୍ଟ ହାତଘଣ୍ଟା ନ ପିନ୍ଧିବା ପାଇଁ ତାଗିଦ କରିଥିଲେ। ସେମାନଙ୍କ ପାଇଁ ସ୍ୱଚ୍ଛ ପାନୀୟ ଜଳ ଓ ଶୌଚାଳୟ ଉପଲବ୍ଧ କରିବା ପାଇଁ କଲେଜ୍ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ଏମ୍‌ଏମ୍‌ସିସି ଚାମ୍ପିଅନ ଟ୍ରଫି; ବ୍ରାହ୍ମଣୀପାଲି ଦଳ ଚାମ୍ପିଅନ

**ବୀରମହାରାଜପୁର, ୧୯।୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅଧୀନ କାନପୁର ଯୁବକ ସଂଘ ଆନୁକୂଲ୍ୟରେ ଏମ୍‌ଏମ୍‌ସିସି ଚାମ୍ପିଅନ ଟ୍ରଫି କ୍ରିକେଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ କେନ୍ଦୁପାଲିକୁ ହରାଇ ବ୍ରାହ୍ମଣୀପାଲି ଦଳ ଚାମ୍ପିଅନ ହୋଇଛି। ଫାଇନାଲ ମ୍ୟାଚ୍ ୩ଟି ଫର୍ମାଟରେ ହୋଇଥିଲା। ପ୍ରଥମ ଫର୍ମାଟରେ କେନ୍ଦୁପାଲି ପ୍ରଥମେ ବ୍ୟାଟିଂ କରି ୭୮ ରନ କରିଥିଲା। ଜବାବରେ ବ୍ରାହ୍ମଣୀପାଲି ଦଳ ଆବଶ୍ୟକୀୟ ୭୯ ରନ ସଂଗ୍ରହ କରିଥିଲା। ଦ୍ୱିତୀୟ ଫର୍ମାଟରେ କେନ୍ଦୁପାଲି ଦଳ ପ୍ରଥମେ ବ୍ୟାଟିଂ କରି ୩୧ ରନ କରିଥିଲା। ଜବାବରେ ବ୍ରାହ୍ମଣୀପାଲି ଦଳ ୩୧ ରନ କରିଥିଲା। ତୃତୀୟ ଫର୍ମାଟରେ ବ୍ରାହ୍ମଣୀପାଲି ଦଳ ୧୦ ରନ କରିଥିବା ବେଳେ କେନ୍ଦୁପାଲି ଦଳ ୭ ରନ କରିଥିଲା। ଦୁଇଟି ଫର୍ମାଟରେ ବିଜୟୀ ହୋଇ ବ୍ରାହ୍ମଣୀପାଲି ଦଳ ମ୍ୟାଚ୍‌ରେ ଚାମ୍ପିଅନ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ କ୍ରୀଡାବିତ ସୁଶାନ୍ତ ଦାସ, ବାଲ୍ମୀକି ଖମାରୀ, ସୁବାସ ସାହୁ, ନିରଞ୍ଜନ ଖମାରୀ ପ୍ରମୁଖ ଯୋଗଦେଇଥିଲେ। ବ୍ରାହ୍ମଣୀପାଲିର ସଞ୍ଜୟ ହାତୀଙ୍କୁ ମ୍ୟାନ ଅଫ ଦି ଫାଇନାଲ, ପୁରୁଷୋତ୍ତମ ହାତୀଙ୍କୁ ମ୍ୟାନ ଅଫ ଦି ସିରିଜ, ଦେବ ହାତୀଙ୍କୁ ଶ୍ରେଷ୍ଠ ବୋଲର, କେନ୍ଦୁପାଲିର ଦୀପକ ମେହେରଙ୍କୁ ଶ୍ରେଷ୍ଠ ବ୍ୟାଟର ଭାବେ ପୁରସ୍କୃତ କରାଯାଇଛି। ଚାମ୍ପିଅନ ବ୍ରାହ୍ମଣୀପାଲି ଦଳକୁ ନଗଦ ୧୫ ହଜାର ଟଙ୍କା ସହିତ ଟ୍ରଫି ଏବଂ ଉପବିଜେତା କେନ୍ଦୁପାଲିକୁ ନଗଦ ୯ ହଜାର ଟଙ୍କା ସହିତ ଟ୍ରଫି ପୁରସ୍କୃତ କରାଯାଇଛି। ଫାଇନାଲ ମ୍ୟାଚ୍‌କୁ ଝିଣ୍ଟୁ ଛତ୍ରିଆ ଓ ଉତ୍ତମ ଖମାରୀ ପରିଚାଳନା କରିଥିବା ବେଳେ ଅଭିମନ୍ୟୁ ଖମାରୀ ସ୍କୋରିଙ୍ଗ ଏବଂ କବିରାଜ ଖମାରୀ ଧାରା ବିବରଣୀ ପ୍ରଦାନ କରିଥିଲେ। ଆୟୋଜକ ବାସୁଦେବ ଖମାରୀ, ସୈନିକ, ଘାସିରାମ, ଦୁଷ୍ମନ, ପ୍ରଦୀପ, ରଞ୍ଜନ, ସୁରେନ୍ଦ୍ର ଖମାରୀ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

# ସୁବଳୟା ଥାନାକୁ ପିସିଆର୍ ଭ୍ୟାନ୍ ପାଇଁ ଦାବି




**ସୁବଳୟା, ୧୯।୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅଧୀନ ସୁବଳୟା ଥାନାରେ ପିସିଆର ଭ୍ୟାନ ପାଇଁ ଦାବି ହୋଇଛି। ଜିଲ୍ଲାର ସୀମାନ୍ତରେ ଏହି ଥାନା ରହୁଥିବା ବେଳେ ଅଞ୍ଚଳରେ ଅପରାଧିକ କାର୍ଯ୍ୟାକଳାପକୁ ନିୟନ୍ତ୍ରଣାଧୀନ କରିବା ପାଇଁ ଏଠାରେ ଉକ୍ତ ଭ୍ୟାନର ଆବଶ୍ୟକତା ରହିଛି। ଏପରିକି ଥାନା ଅଞ୍ଚଳରେ ଥିବା ଗାଁ ଗଣ୍ଡାକୁ ବିଭିନ୍ନ ଅପରାଧ ନିୟନ୍ତ୍ରଣ ପାଇଁ ସଠିକ ସମୟରେ ପୁଲିସ ପହଞ୍ଚି ପାରୁନାହିଁ। ପୁଲିସ ପ୍ରଶାସନକୁ ଅଧିକ କ୍ରିୟାଶୀଳ କରିବା ପାଇଁ ସରକାର ବିଭିନ୍ନ ଥାନାକୁ ପାଟ୍ରୋଲିଂ ପିସିଆର ଭ୍ୟାନ ସେବା ଯୋଗାଇ ଦେଇଛନ୍ତି। ସୁବଳୟା ଥାନା ଦୀର୍ଘ ଦିନରୁ ଥାନାର ମାନ୍ୟତା ପାଇଥିଲେ ମଧ୍ୟ କର୍ମଚାରୀ ସାଙ୍ଗକୁ ବିଭିନ୍ନ ସମସ୍ୟାରେ ଗତି କରୁଛି। ଜିଲ୍ଲା ପ୍ରଶାସନ ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବା ସହ ଜନସାଧାରଣ ସୁରକ୍ଷା ପାଇଁ ବିହିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ● ସେମାନେ ଯାହା କୁହନ୍ତି...



ଆଗରୁ ସୁବଳୟା ଫାଣ୍ଡି ଥିଲା ଅନେକ ଥର ଦାବି କରିବା ପରେ ଏହାକୁ ଥାନାର ମାନ୍ୟତା ମିଳିଛି। ହେଲେ ଆବଶ୍ୟକ କର୍ମଚାରୀ ସାଙ୍ଗକୁ ଯାନବାହାନର ଘୋର୍ ଅଭାବ ରହିଛି।

**ଶେଷଦେବ ବାରିକ, ବରିଷ୍ଠ ରାଜନେତା**



ଏହି ଥାନା ଅଧୀନରେ ବହୁ ଗ୍ରାମ ଉପାନ୍ତ ଅଞ୍ଚଳରେ ରହିଛି। ଥାନାରେ ଗୋଟିଏ ଗାଡ଼ି ଥିବା ଯୋଗୁଁ ଠିକ୍ ସମୟରେ ଘଟଣାସ୍ଥଳରେ ପହଞ୍ଚିବା ପାଇଁ ଘୋର ସମସ୍ୟା ଦେଖାଦେଇଛି।

**ନନ୍ଦିକିଶୋର ମିଶ୍ର, ବରିଷ୍ଠ ଆଇନଜୀବୀ**

ଅଞ୍ଚଳର ଲୋକମାନଙ୍କର ସୁରକ୍ଷା ତଥା



ଘଟଣାସ୍ଥଳରେ ଠିକ୍ ସମୟରେ ପହଞ୍ଚିବା ପାଇଁ ଆବଶ୍ୟକ କର୍ମଚାରୀ ଓ ପିସିଆର ଭ୍ୟାନ୍ ଯୋଗାଇଦେବା ପାଇଁ ଜିଲ୍ଲା ପୁଲିସ ପ୍ରଶାସନ ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ବିନମ୍ର ଅନୁରୋଧ।

**ବିନୋଦ ପାଣ୍ଡେ, ସାମାଜିକ କର୍ମୀ**



ଏହା ଜଙ୍ଗଲ ଓ ଉପାନ୍ତ ଅଞ୍ଚଳ ହୋଇଥିବା ବେଳେ ବିଭିନ୍ନ ସମୟରେ ଆଇନ ଶୃଙ୍ଖଳା ପାଇଁ ଆବଶ୍ୟକ କର୍ମଚାରୀ ଓ ପିସିଆର ଭ୍ୟାନ ଆବଶ୍ୟକତା ରହିଛି।

**ରାଜେଶ ସେଠୀ, ସୁବଳୟା ସାମ୍ବାଦିକ ସଂଘ ସଭାପତି**

# ଜିଲ୍ଲାପାଳଙ୍କୁ ଭେଟି ଦାଦନର କରୁଣ କାହାଣୀ ବଖାଣିଲେ ଦୁଇ ଶିଶୁ



**ନୂଆପଡ଼ା, ୧୯ ।୨ (ସମିସ):** ପଢ଼ିବା, ଖେଳିବା ବୟସରେ କୁନି ପିଲାଙ୍କ ଉପରେ ପରିବାରର ବୋଝ। ବହି ବସ୍ତାନୀ ଛାଡ଼ି ମୁଣ୍ଡରେ ଇଟା ବୋହିବାକୁ ପଡ଼ୁଛି । ନହେଲେ ଇଟାଭାଟି ମାଲିକଙ୍କ ନାଲି ଆଖିର ସାମ୍ନା କରିବାକୁ ପଡ଼ୁଛି । ଅନେକ ଅକୁହା ଦୁଃଖଭରା କାହାଣୀ ରହିଛି ଦାଦନ ଖଟୁଥିବା କୁନି କୁନି ପିଲାଙ୍କର । ସୁଦୂର ଉତ୍ତର ପ୍ରଦେଶର ଇଟାଭାଟିରୁ ଘରକୁ ଫେରିଥିବା ଦୁଇଶିଶୁ ଗୋଟିଗୋଟି କରି ଜିଲ୍ଲାପାଳ ମଧୁସୂଦନ ଦାଶଙ୍କୁ ବଖାଣିଛନ୍ତି ସେମାନଙ୍କ କରୁଣ କାହାଣୀ ।

**କଞ୍ଚା ଇଟା କାନ୍ଧରେ ବୋହି ନେଉଥିଲେ**

**ଇଟାଭାଟି ମାଲିକଙ୍କ ଚାବୁକର ଭୟ ଥିଲା**

ସ୍ଥାନୀୟ ନୂଆପଡ଼ା ଜିଲ୍ଲା ସଦର ମହକୁମାସ୍ଥିତ ସାଲେଭଟା ଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଦୁଇ ଶିଶୁ ପଞ୍ଚମ ଶ୍ରେଣୀରେ ପାଠ ପଢୁଥିବା ରୋହିତ ରାଉତ ଏବଂ ସପ୍ତମ ଶ୍ରେଣୀରେ ପଢୁଥିବା ଜ୍ୟୋସ୍ନା କେଉଟ ଆଜିକୁ ଦୁଇ ମାସ ତଳେ ନିଜ ବାପା ମା'ଙ୍କ ସହ ଦାଦନ ସର୍ଦ୍ଦାରଙ୍କ ଜରିଆରେ ସୁଦୂର ଉତ୍ତର ପ୍ରଦେଶକୁ ଯାଇଥିଲେ । ସେଠିକାର ଏକ ଇଟାଭାଟିରେ ନିୟୋଜିତ ହୋଇ କାମ କରୁଥିଲେ । ଏହି ଖବର ପାଇ ବିଦ୍ୟାଳୟର ଶିକ୍ଷୟିତ୍ରୀ ସରସ୍ୱତୀ ଶବର ପିଲାଙ୍କ ଫୋନ ନମ୍ବର ସଂଗ୍ରହ କରି ସେମାନଙ୍କ ସହ ଯୋଗାଯୋଗ କରିଥିଲେ। ଆଗକୁ ବାର୍ଷିକ ପରୀକ୍ଷା ଅଛି, ସେମାନଙ୍କ ଭବିଷ୍ୟତ ସମ୍ପର୍କରେ ବୁଝାସୁଝା କରିବାରୁ ତାଙ୍କ ପରିବାର ଲୋକ ଶିଶୁ ଦ୍ୱୟଙ୍କୁ ଏଠାକୁ ଛାଡ଼ିବାକୁ ବାଧ୍ୟ ହୋଇଥିଲେ। ଶେଷରେ ଦୁହେଁ ସୁରକ୍ଷିତ ଭାବେ ଘରକୁ ଫେରିଆସିଛନ୍ତି । ବର୍ତ୍ତମାନ ସେମାନେ ଆଈଙ୍କ ପାଖରେ ରହି ସ୍କୁଲ ଯା'ଆସ କରୁଛନ୍ତି। ମଙ୍ଗଳବାର ସଂଧ୍ୟାରେ ଶିକ୍ଷୟିତ୍ରୀ ସରସ୍ୱତୀଙ୍କ ସହ ମିଶି ସେମାନେ ଜିଲ୍ଲାପାଳଙ୍କୁ ଭେଟିବାକୁ ଆସିଥିଲେ। ଜିଲ୍ଲାପାଳ ଦାଶ ଶିକ୍ଷୟିତ୍ରୀଙ୍କ ପ୍ରୟାସକୁ ଭୂୟସୀ ପ୍ରଶଂସା କରିବା ସହ ପିଲାଙ୍କ ସ୍ଥିତି ଦେଖି ଦୁଃଖ ପ୍ରକାଶ କରିଥିଲେ । ଏହି ସମୟରେ ପିଲାମାନେ କୋହ ଭରା କଣ୍ଠରେ ସବୁ ଦୁଃଖ ବଖାଣିଥିଲେ। ବାପା ମା'ଙ୍କ ସହ ବାଧହୋଇ ସେଠାକୁ ଯାଇଥିଲେ। ସେଠାରେ ଇଟାଭାଟିରେ ବାପା ମା' କାମ କରୁଥିବା ବେଳେ ତାଙ୍କ ସହ ମାଟି ଗୋଟାଇବା, କଞ୍ଚା ଇଟାକୁ କାନ୍ଧରେ ବୋହିନେବା ଭଳି କାମ ସେମାନେ କରୁଥିଲେ । ସକାଳ ୮ଟାରୁ ରାତି ୮ଟାଯାଏଁ ସେମାନଙ୍କୁ କାମ କରିବାକୁ ପଡୁଥିଲା । ମଝିରେ ମଝିରେ ଇଟାଭାଟି ମାଲିକଙ୍କ ଲାଲ ଆଖି ଏବଂ ଚାବୁକର ଭୟ ସେମାନଙ୍କୁ ଥରାଇ ଦେଉଥିବା ଶିଶୁ ଦ୍ୱୟ କହିଛନ୍ତି । ଏହି ପ୍ରସଙ୍ଗରେ ଜିଲ୍ଲାପାଳ ଆମେ ଚଳିତ ବର୍ଷ ଲୋକଙ୍କୁ ରୋଜଗାର ଦେଉଛୁ । ପୂର୍ବବର୍ଷ ଅପେକ୍ଷା ଦାଦନ ଚାଲାଣକୁ କିଛି ମାତ୍ରାରେ କମାଇଛୁ। ପ୍ରତିଦିନ ଜିଲ୍ଲାରେ ୫୪ ହଜାର ଶ୍ରମିକ କାମ କରୁଛନ୍ତି ବୋଲି କହିଥିଲେ। ତଥାପି ଦାଦନ ଚାଲାଣ ପାଇଁ ଯେଉଁସବୁ କାରଣ ଦାୟୀ ରହିଛି, ତା'ର ଉଚ୍ଚସ୍ତରୀୟ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି ।

# ବିକାଶ କାର୍ଯ୍ୟକୁ ବିଜେପି ବିଧାୟକଙ୍କ ବିରୋଧ

ଟିଟିଲାଗଡ଼, ୧୯ ।୨(ସମିସ)





**ବିଡିଓ ହାତବାରିସୀ**

ରାଜ୍ୟରେ ବିଜେପି ସରକାର ଗଠନ ପରେ ଟିଟିଲାଗଡ଼ ବ୍ଲକ ଅଧକ୍ଷାଙ୍କ ବିରୋଧରେ ଅନାସ୍ଥା ନୋଟିସ ନେଇ ବିଜେଡି -ବିଜେପି ବିବାଦ ତୀବ୍ର ହେବାରେ ଲାଗିଛି। ଟିଟିଲାଗଡ଼ ବିଜେପି ବିଧାୟକ ନବୀନ ଜୈନ ବ୍ଲକ କାର୍ଯ୍ୟରେ ଅଯଥା ହସ୍ତକ୍ଷେପ କରୁଛନ୍ତି। ଉନ୍ନୟନ କାର୍ଯ୍ୟରେ ନିଜ ପାଇଁ ୧୦ ପ୍ରତିଶତ ପିସି ଦାବି କରୁଛନ୍ତି ବୋଲି ବ୍ଲକ ଅଧକ୍ଷା ଏବଂ ସମିତି ସଭ୍ୟ, ସରପଞ୍ଚ ବଲାଙ୍ଗିର ଜିଲ୍ଲାପାଳଙ୍କୁ ଅନେକ ଥର ଅଭିଯୋଗ କରିଆସୁଛନ୍ତି । ଅଭିଯୋଗକୁ ଅଣଦେଖା ନେଇ ବିଜେଡି ନେତାକର୍ମୀ ତଥା ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଜନସାଧାରଣଙ୍କ ଦ୍ୱାରା ଗଣତାନ୍ତ୍ରିକ ଉପାୟରେ ନିର୍ବାଚିତ ହୋଇଯାଇଥିବା ବ୍ଲକ ଅଧକ୍ଷ, ଉପାଧକ୍ଷ, ସମିତି ସଭ୍ୟଙ୍କ କ୍ଷମତାହରଣ କରି ବିଧାୟକ ଉନ୍ନୟନ କାର୍ଯ୍ୟ ଠପ କରିଛନ୍ତି। ବିଡିଓଙ୍କୁ ହାତବାରିସୀ କରି ବିଧାୟକ ଏକଛତ୍ରବାଦ ଚଳାଇଥିବା ବୁଧବାର ସ୍ଥାନୀୟ ବିଜେଡି କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ ଗୁରୁତର ଅଭିଯୋଗ ଆଣିଛନ୍ତି। ବିଜେଡି ସରକାର ସମୟରେ ପ୍ରତ୍ୟେକ ପଞ୍ଚାୟତରେ ଗ୍ରାମସଭାର ଅନୁମୋଦନକ୍ରମେ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ୫୦ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା। ଉକ୍ତ ସମସ୍ତ ପାଣ୍ଠିକୁ ବିଧାୟକ ହରିଲୁଟ୍ କରିବାକୁ ଚକ୍ରାନ୍ତ କରିଛନ୍ତି। ବିଡିଓ ରାଜକୋଷ ପାଣ୍ଠି ସଠିକ ବିନିଯୋଗ ନେଇ ଧ୍ୟାନ ଦେବା ବଦଳରେ ବିଧାୟକଙ୍କୁ ସାକ୍ଷାତ କରି ୧୦ ପ୍ରତିଶତ ପ୍ରଦାନ କରିବାକୁ ଉନ୍ନୟନ କାର୍ଯ୍ୟର ହିତାଧିକାରୀ ଗ୍ରାମବାସୀଙ୍କୁ ନିର୍ଦ୍ଦେଶ ଦେଉଛନ୍ତି। ବିଡିଓ ଏବଂ ବ୍ଲକ ଅଧକ୍ଷାଙ୍କ ଦ୍ୱାରା ଫାଇଲ ଦସ୍ତଖତ ପରେ ମଧ୍ୟ ବିଧାୟକଙ୍କୁ ପିସି ନଦେଲେ ବିକାଶ କାର୍ଯ୍ୟର ଫାଇଲ ଘୁଞ୍ଚୁନାହିଁ। ଏନେଇ ସାଧାରଣରେ ନିର୍ବାଚିତ ସମିତି ସଭ୍ୟ, ସରପଞ୍ଚ ଅନେକ ପ୍ରଶ୍ନର ସମ୍ମୁଖୀନ ହେବାକୁ ପଡୁଛି ବୋଲି ପୂର୍ବତନ ମନ୍ତ୍ରୀ ଶ୍ରୀମତୀ ସାହୁ ଅଭିଯୋଗ ବାଢ଼ିଛନ୍ତି। ଆହୁରି ମଧ୍ୟ ସେ ମିଶନ ଶକ୍ତି ବିଭାଗରେ ମନ୍ତ୍ରୀ ଥିବା ବେଳେ ୨.୫ କୋଟି ଟଙ୍କା ବ୍ୟୟ ଅଟକଳରେ ଟିଟିଲାଗଡ଼ ଠାରେ ୫୨ଷ୍ଟଲ ବିଶିଷ୍ଟ ମିଶନ ଶକ୍ତି ହାଟ ପ୍ରତିଷ୍ଠା ହୋଇଥିଲା। ହେଲେ ପ୍ରତି ଷ୍ଟଲରୁ ଭିତିରିଆ ୧ରୁ ୨ ଲକ୍ଷ ଟଙ୍କା ନେବା ଅଭିପ୍ରାୟରେ ଆଜି ପର୍ଯ୍ୟନ୍ତ ଆବଣ୍ଟନ ହେଲା ନାହିଁ। ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରାୟ ୨୦ କୋଟି ଟଙ୍କା ବ୍ୟୟ ଅଟକଳରେ ଟିଟିଲାଗଡ଼ ଉପଖଣ୍ଡ ଡାକ୍ତରଖାନାର ନୂତନ କୋଠା ନିର୍ମାଣ କରାଇଥିଲେ। ତାହାକୁ ବିଧାୟକଙ୍କ ଇସାରାରେ ଆଜି ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ କରାଗଲା ନାହିଁ। ବିଧାୟକ ଉପଖଣ୍ଡ ଡାକ୍ତରଖାନାକୁ ୫ ଜଣ ବିଶେଷଜ୍ଞ ଡାକ୍ତର ଆଣିବା ସହରରେ ଘୋଷଣା କଲେ। ହେଲେ କେହି ଡାକ୍ତର ଆସିଲେ ନାହିଁ। ବିଜେଡି ସରକାର ଟିଟିଲାଗଡ଼ କୁମୁଡା ପାହାଡ଼ସ୍ଥିତ ପ୍ରସିଦ୍ଧ ଶୈବ ପୀଠକୁ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ଦେଲେ। ପୌର ପରିଷଦର ଅନୁମୋଦନ କ୍ରମେ ଶୈବପୀଠ ପରିସରରେ ଅଭିମନ୍ୟୁ କଲ୍ୟାଣ ମଣ୍ଡପ ନିର୍ମାଣ ସାକାର କଲେ। ହେଲେ ବର୍ତ୍ତମାନ ଅସହ୍ୟ ମନୋଭାବ ପୋଷଣ କରି ସ୍ୱର୍ଗତ ଜଣେ ଯୁବ ନେତୃତ୍ୱ ଅଭିମନ୍ୟୁ ସାହୁଙ୍କ ଟିଟିଲାଗଡ଼ ଅଞ୍ଚଳର ବିକାଶ ପାଇଁ ଏକ ମହତ ଭୂମିକା ଥିବା ବେଳେ କଲ୍ୟାଣ ମଣ୍ଡପର ନାମ ପରିବର୍ତ୍ତନ କରାଗଲା। ବିଧାୟକଙ୍କ ମନୋମୁଖୀ କାର୍ଯ୍ୟକୁ ଜନତା ଦୃଢ଼ ବିରୋଧ କରିବେ ବୋଲି ପୂର୍ବତନ ମନ୍ତ୍ରୀ ଶ୍ରୀମତୀ ସାହୁ କଡା ଚେତାବନୀ ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ୧୯ ଜଣ ସମିତି ସଭ୍ୟସଭ୍ୟା ତଥା ୧୦ ସରପଞ୍ଚ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧକ୍ଷା ସଂଯୁକ୍ତା ନାଏକଙ୍କ ସମେତ ଉପାଧକ୍ଷ ଜଗତରାମ ରଣା, ବରିଷ୍ଠ ବିଜେଡ଼ି ନେତା ପ୍ରେମ ଜୈନ, ଶ୍ୟାମାପ୍ରସାଦ ଗରିଆ, ଦିଲୀପ ବାଗ, ରୁଟୁ ବାଗ, ଜିଲ୍ଲା ପରିଷଦ ସଭ୍ୟା ଗୀତା ବିଶି, ସଞ୍ଜୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# କଣ୍ଟାବାଞ୍ଜିରେ ମାଳ ମାଳ ନକଲି ଶିକ୍ଷୟିତ୍ରୀ

**କଣ୍ଟାବାଞ୍ଜି, ୧୯ ।୨(ସମିସ):** ବଲାଙ୍ଗିର ଜିଲ୍ଲାର କଣ୍ଟାବାଞ୍ଜି ସହରରେ ଶିକ୍ଷାକୁ ନେଇ ଚାଲିଛି ବ୍ୟବସାୟ। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଘରୋଇ ଇଂରାଜୀ ସ୍କୁଲ ଖୋଲି ଛାତ୍ରଛାତ୍ରୀଙ୍କୁ ପାଠପଢ଼ା ଯାଉଛି। ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଉ ଥିବା ଶିକ୍ଷୟତ୍ରୀମାନେ ନକଲି ବୋଲି ଚର୍ଚ୍ଚା ଜୋର ଧରିଛି। ବିଶେଷ ସୂତ୍ର ପ୍ରକାଶ ଯେ କଣ୍ଟାବାଞ୍ଜି ସହରରେ ପ୍ରତିଷ୍ଠିତ ହୋଇଥିଲା ଘରୋଇ ଇଂରାଜୀ ସ୍କୁଲରେ କାର୍ଯ୍ୟରତ ବହୁ ଶିକ୍ଷୟତ୍ରୀ ତାଲିମ ନ ନେଇ ବିଭିନ୍ନ ବିଶ୍ୱ ବିଦ୍ୟାଳୟର ନକଲି ପ୍ରଣାମପତ୍ର ଦେଇ ଚାକିରି କରୁଥିବା ବେଳେ ଅନେକ ଶିକ୍ଷୟତ୍ରୀମାନେ ଯୁକ୍ତ ଦୁଇ, ଯୁକ୍ତ ତିନି ପାସ କରିବା ପରେ ବିନା ସିଟି, ବିଡି ପାଠ ନ ପଢ଼ି କଣ୍ଟାବାଞ୍ଜିର ଘରୋଇ ସ୍କୁଲମାନଙ୍କରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ଅଛନ୍ତି। ଯାହାଫଳରେ ବିନା ତାଲିମପ୍ରାପ୍ତ ଶିକ୍ଷୟତ୍ରୀ ଠାରୁ ପାଠପଢ଼ି ଛାତ୍ର ଛାତ୍ରୀଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ହୋଇଯାଉଥିବା ଅଭିଯୋଗ ହେଉଛି। ସରକାରୀ ନିୟମ ଅନୁଯାଏ ଯେ କୈଣସି ଘରୋଇ ସ୍କୁଲ କାର୍ଯ୍ୟରତ ଶିକ୍ଷୟତ୍ରୀମାନେ ଯଦି ଯୁକ୍ତ ଦୁଇ ପାଠ ପଢ଼ିଛନ୍ତି ତାହା ସେମାନେ ସିଟି ତାଲିମ ନେଇଥିବା କଥା ଏବଂ ଯେଉଁମାନେ ଯୁକ୍ତ ତିନି ପାଠ ପଢ଼ିଛନ୍ତି ତାହା ହେଲେ ସେମାନେ ବିଇଡି ତାଲିମ ନେଇଥିବା ଆବଶ୍ୟକ।ଯାହାଫଳରେ ସେମାନେ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ଦେଇ ପାରିବେ ବୋଲି ଶିକ୍ଷାବିତ୍ ମହଲରେ ମତ ପ୍ରକାଶ ପାଇଛି। ପ୍ରକାଶ ଥାଉ କି ଯେ ପୂର୍ବରୁ ମଧ୍ୟ କଣ୍ଟାବାଞ୍ଜିର ଏକ ପ୍ରତିଷ୍ଠିତ ଶିକ୍ଷା ଅନୁଷ୍ଠାନ ଶିକ୍ଷା ବିଭାଗର ବିନା ସିଓଆର ସ୍କୁଲ ଚଳାଇ ଗଣମାଧ୍ୟମରେ ଚର୍ଚ୍ଚା ପରିସର ଆସିଥିଲା।ଏନେଇ ତୁରେକେଲା ବ୍ଲକ ଶିକ୍ଷା ଅଧିକାରୀଙ୍କ ପ୍ରତିକ୍ରିୟା ନେବାକୁ ଯୋଗାଯୋଗ କରିଥିଲୁ ହେଲେ ତାଙ୍କ କୌଣସି ପ୍ରତିକ୍ରିୟା ମିଳି ପାରିନାହିଁ। ବଲାଙ୍ଗିର ଜିଲ୍ଲାପାଳ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀ କଣ୍ଟାବାଞ୍ଜି ସହରରେ ଥିବା ସମସ୍ତ ଘରୋଇ ଶିକ୍ଷାନୁଷ୍ଠାନରେ କାର୍ଯ୍ୟରତ ଶିକ୍ଷୟିତ୍ରୀଙ୍କ ଶିକ୍ଷାଗତ ଯୋଗ୍ୟତା ଏବଂ ତାଲିମପ୍ରାପ୍ତ ପ୍ରଣାମପତ୍ର ଯାଞ୍ଚ କରି କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ଅଜଣା ଗାଡ଼ି ଧକ୍କାରେ ଦୁଇ ମୃତ

**ଜୁନାଗଡ଼, ୧୯ ।୧(ସମିସ):** ଭୋଜି ଖାଇ ଘରକୁ ଫେରୁଥିବା ବେଳେ ଗାଡି ଧକ୍କାରେ ଦୁଇ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ଏମାନେ ହେଜେଞ୍ଜ ବ୍ରହ୍ମଣୀଗୁଡା ଗ୍ରାମର ଶଶିଧର ପୂଜାରୀ (୩୦) ଓ କଲିଆ କୁଣ୍ଡଲ ଗ୍ରାମର ଶିବ ବିଶ୍ୱାଳ (୪୦)। ଜୁନାଗଡ଼ ଥାନା ଛୋରିଆଗଡ଼ ଗ୍ରାମକୁ ଏମାନେ ଜଣେ ସମ୍ପର୍କୀୟଙ୍କ ବାହାଘର ଭୋଜି ଖାଇବାକୁ ଯାଇଥିଲେ। ଭୋଜି ଖାଇ ବାଇକ୍ ଯୋଗେ ଫେରୁଥିବା ବେଳେ ଛୁରିଆ ଗଡ଼ କେନାଲ ନିକଟରେ ଏକ ଗାଡି ଧକ୍କା ଦେଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ପରିବାର ଲୋକେ ଖବର ପାଇ ପହଞ୍ଚିବା ପରେ ଜୁନାଗଡ଼ ଡାକ୍ତରଖାନାକୁ ଆଣିଥିଲେ। ଡାକ୍ତର କିନ୍ତୁ ଦୁଇ ଜଣଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଏକ ମାମଲା ରୁଜୁ ହୋଇଛି। ଘଟଣାର ତଦନ୍ତ ଆରମ୍ଭ ହୋଇଥିବା ଜୁନାଗଡ଼ ଥାନା ଅଧିକାରୀ ଉଲ୍ଲାସ ରାଉତ ପ୍ରକାଶ କରିଛନ୍ତି।

# ଏବିଭିପିର ବିକ୍ଷୋଭ

**ସୋନପୁର, ୧୯।୨(ସମିସ):** ସୋନପୁର ଏବିଭିପି ତରଫରୁ ଭୁବନେଶ୍ୱରର ଏକ ଘରୋଇ ଅନୁଷ୍ଠାନରେ ନେପାଳି ଛାତ୍ରଛାତ୍ରୀଙ୍କ ବିରୋଧରେ କରାଯାଇଥିବା ଅମାନୁଷିକ ବ୍ୟବହାର ବିରୋଧରେ ପ୍ରତିବାଦ କରାଯାଇଛି। ଏନେଇ ସୋନପୁର ବିଜୁ ପଟ୍ଟନାୟକ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିକ୍ଷୋଭରେ ଏବିଭିପି ଓଡ଼ିଶା, ପଶ୍ଚିମର ରାଜ୍ୟ ସହ ସମ୍ପାଦକ ଶୁଭମ ପ୍ରସାଦ ମିଶ୍ର ନେତୃତ୍ୱ ନେଉଥିବା ବେଳେ ଏଥିରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁମନ୍ତ ଜଗଦଳା, ନଗର ସମ୍ପାଦକ ଲିପୁନ ସାହୁ, ସୋନପୁର ମହାବିଦ୍ୟାଳୟ ଶାଖା ସଭାପତି ମିଳନ ସେଠି, ସମ୍ବାଦ କଅଁର, ସୌମ୍ୟ ନାଏକ, ରୋଶନ ବାଗ, ଶକ୍ତି ବେହେରା, ରାକେଶ କଅଁର, ସୁଧୀର କର୍ମୀ, ରିଙ୍କୁ ନାଏକ, ସମୟ ସାହୁ, ପ୍ରଦୀପ ଦୀପ ଓ ଧିରେନ ଷଣ୍ଢଙ୍କ ସହ ୩୦ରୁ ଅଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ବିଦ୍ୟୁତ୍ ଆଘାତରେ ବୃଦ୍ଧଙ୍କ ମୃତ୍ୟୁ

**ଦେଓଗାଁ, ୧୯।୨(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ଅନ୍ତର୍ଗତ ସାରସବାହାଲ ଗାଁର ଜନୈକ ବୃଦ୍ଧ ମଙ୍ଗଳବାର ଅପରାହ୍ନରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଥିବା ଅଭିଯୋଗ ହୋଇଛି। ମୃତ ବୃଦ୍ଧ ଜଣକ ସାରସବାହାଲ ଗାଁର ସୁବାଷ ମହାକୁର(୬୦) ।ସୂଚନାନୁସାରେ ସୁବାଷ ଅପରାହ୍ନ ପ୍ରାୟ ୧୨ଟା ସମୟରେ ତୁଷୁରା ଛକ ନିକଟରେ ଛେଳି ଚରାଉଥିବା ବେଳେ ହଠାତ ଗଛରେ ୧୧କେଭି ବିଦ୍ୟୁତ୍ ତାର ଲାଗରହିଥିବା ଜାଣିନପାରି ସଂସ୍ପର୍ଶରେ ଆସିଯାଇଥିଲେ। ପରେ କିଛିଲୋକ ଦେଖି ବିଦ୍ୟୁତ୍ ବିଚ୍ଛିନ୍ନ କରି ଉଦ୍ଧାର କରି ଦେଓଗାଁ ଗୋଷ୍ଠିସ୍ୱାସ୍ଥ୍ୟ କେନ୍ଦ୍ରକୁ ନେବାରୁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୁଲିସ ପହଞ୍ଚି ତଦନ୍ତ କରିବା ସହ ଅପମୃତ୍ୟୁ ମାମଲା ରୁଜୁକରି ବଲାଙ୍ଗିର ଭୀମଭୋଇ ମେଡିକାଲକୁ ବ୍ୟବଛେଦ ପାଇଁ ପଠାଇଥିଲା। ବ୍ୟବଚ୍ଛେଦ ପରେ ଶବ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ବିଦ୍ୟୁତ୍ ବିଭାଗର ବେପରୁଆ କାର୍ଯ୍ୟ ଯୋଗୁଁ ଅକାରଣରେ ବାପାକୁ ହରାଇଥିବା ନେଇ ପୁଅ ତରୁଣ ମହାକୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ରାମଧୂନ କପ୍ ସର୍ବଭାରତୀୟ ଫୁଟବଲ୍ ଚାମ୍ପିଅନସିପ୍

# ଭୁବନେଶ୍ୱରକୁ ୫-୦ ଗୋଲରେ ହରାଇଲା କଟକ

**ସୋନପୁର, ୧୯।୨(ସମିସ):** ସୋନପୁର ଗାନ୍ଧୀ ଷ୍ଟାଡିୟମରେ ଚାଲିଥିବା ୧୬ତମ ରାମଧୁନ କପ ସର୍ବଭାରତୀୟ ଫୁଟବଲ ଚାମ୍ପିଅନସିପ ପୁଲ୍ ଏ'ର ପ୍ରଥମ ସେମି ଫାଇନାଲ ମ୍ୟାଚ୍



ଭୁବନେଶ୍ୱର ଜଗା ୟୁନାଇଟେଡ୍ ଓ କଟକ ମା' ମଙ୍ଗଳା କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଜଗା ୟୁନାଇଟେଡ୍‌କୁ ୫-୦ ଗୋଲ୍‌ରେ ହରାଇ କଟକ ମା' ମଙ୍ଗଳା କ୍ଲବ୍ ଟୁର୍ଣ୍ଣାମେଣ୍ଟର ଫାଇନାଲକୁ ପ୍ରବେଶ କରିଛି। ମୁଖ୍ୟଅତିଥି ଭାବେ ସୁବର୍ଣ୍ଣପୁର ଅତିରିକ୍ତ ଏସ୍‌ପି ବିରେନ୍ଦ୍ର ନାଏକ ଏବଂ ସମ୍ମାନିତ ଅତିଥି ଭାବରେ ପ୍ରଭାଗୀୟ ଶ୍ରମ କମିଶନର ଡିଲେଶ୍ୱର ଖାଖା ଯୋଗଦେଇ ମ୍ୟାଚ୍‌କୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବରେ ସମାଜସେବୀ ଶ୍ରୀବସ୍ତ ମଲ୍ଲିକ, ଅରବିନ୍ଦ ବାରିକ, ପୁଲିସ କନଷ୍ଟେବଳ ସଂଘ ସଭାପତି ଦିନେଶ ମିଶ୍ର, ଯୁବ ନେତା ଅମିୟ ରଞ୍ଜନ ଦାଶ, ମାର୍ଚ୍ଚେଣ୍ଟ ଆସୋସିଏସନ୍ ସଭାପତି ଧୀରେନ୍ଦ୍ର ପଟ୍ଟନାୟକ, ସମ୍ପାଦକ ଗୁଣନିଧି ମେହେର, ଭୁବନେଶ୍ୱର ଜଗା ୟୁନାଇଟେଡ ଦଳର ଫ୍ରାଞ୍ଚାଇଜି ବଗଳା ଜ୍ୱେଲର୍ସ ପ୍ରୋପାଇଟର ରୁପେଶ ଅଗ୍ରୱାଲା, କଟକ ଦଳର ଫ୍ରାଞ୍ଚାଇଜି ନାଇସେଟ କମ୍ପ୍ୟୁଟର ଡାଇରେକ୍ଟର ରମଣ ପଧାନ, ଭେଟରାନ ଫୁଟବଲ୍ ଖେଳାଳି ପଞ୍ଚାନନ ସାହୁ, ଗଣେଶ ରାମ ମେହେର, ନରସିଂହ ରାଓ, ପବିତ୍ର ଖର୍ପଦ୍ୱାଜ ଯୋଗଦେଇଥିଲେ। ଖେଳକୁ ମୁଖ୍ୟ ରେଫରୀ ଭାବେ ଦିଲ୍ଲୀପ ରାଉତ ଖେଳ ପରିଚାଳନା କରିଥିବା ବେଳେ ଜିତେନ୍ଦ୍ର ଥନାପତି, ସୁବ୍ରତ ପୁରୋହିତ ଲାଇନ୍ ମ୍ୟାନ ଓ ଫୋର୍ଥ ଅଫିସିଆଲ୍ ଭାବେ ସଞ୍ଜନ ପୁରୋହିତ ଯୋଗଦେଇ ଥିଲେ। ପ୍ରଭୁଦତ୍ତ କୁମ୍ଭାର ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ମ୍ୟାନ ଅଫ ଦି ମ୍ୟାଚ ଭାବେ କଟକ ଦଳର ୧୮ ନମ୍ବର ଖେଳାଳି ବାପୁନି ବିନ୍ଧାଣିଙ୍କୁ ପୁରସ୍କୃତ କରାଯାଇଛି। କ୍ଲବ୍ ସମ୍ପାଦକ ପୀୟୂଷ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାକୁ ବିକାଶ ପଣ୍ଡା ସଂଯୋଜନା କରିଥିଲେ। ହଜାର ଦର୍ଶକ ଖେଳକୁ ଉପଭୋଗ କରିଥିବା ବେଳେ ସୁବର୍ଣ୍ଣପୁରର ସମସ୍ତ ଫୁଟବଲ ପ୍ରେମୀ ଓ ରାମଧୁନ କ୍ଲବ ମଝିପଡ଼ାର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ରାଇସ୍ ମିଲ୍‌କୁ ନୋଟିସ୍

**ଶଗଡ଼ା, ୧୯ ।୨(ସମିସ):** ବୌଦ୍ଧ ଜିଲ୍ଲା ସଦର ବ୍ଲକ କଣ୍ଟୁରବନ୍ଧ ପଞ୍ଚାୟତ ପଦ୍ମପୁର ଟାକୁଟା ମୌଜା ନିକଟରେ ଥିବା ନବକିରଣ ଏଣ୍ଟର ପ୍ରାଇଜେସ୍ ନାମକ ଏକ ରାଇସ୍ ମିଲ୍ ମଧ୍ୟରେ ଗୋଚର ଜମି ରହିଛି। ଏ ନେଇ ଅଭିଯୋଗ ପରେ ତଦନ୍ତ କରାଯାଇଛି। ରାଇସ୍ ମିଲ୍‌ରେ ଖାତା ନଂ ୧୭ର ପ୍ଲଟ ନଂ ୩ରେ ୨୯ ଡେସିମିଲ ଗୋଚର ଜମି ଥିବା ଜଣାପଡ଼ିଛି। ଏହାକୁ ମିଲର୍ସ ଜବରଦଖଲ କରି ଆସୁଛନ୍ତି। ଏହାକୁ ନେଇ ଅତିରିକ୍ତ ତହସିଲଦାର ସମ୍ପୃକ୍ତ ରାଇସ୍ ମିଲ୍‌ର ମାଲିକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ସେ ନିଜେ କିମ୍ବା ତାଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ପ୍ରତିନିଧି ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଛି।

ଏହି ରାଇସ୍ ମିଲ୍ ନିର୍ଦ୍ଧାରିତ ପରିମାଣରୁ ଅଧିକ ଭୂତଳ ଜଳ ବ୍ୟବହାର କରିବା, ପ୍ଲାଣ୍ଟ ଭିତରେ ଗୋଚର ଜମି, ପାଉଁଶ ଓ ନିର୍ଗତ ବର୍ଜ୍ୟ ଜଳର ଠିକ ପରିଚାଳନା ନ କରିବା ଆଦି ନେଇ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ ନିକଟରେ ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ନିର୍ଦ୍ଦେଶ ଆଧାରରେ ଗତ ୧୮ ତାରିଖରେ ଏକ ଟିମ୍ ରାଇସ୍ ମିଲ୍‌ରେ ପହଞ୍ଚି ତଦନ୍ତ କରିଥିଲେ। ତଦନ୍ତ ସମୟରେ ଅଭିଯୋଗକାରୀ ଅନୁପସ୍ଥିତ ଥିଲେ। ଏଣୁ ପୁନଃ ତଦନ୍ତ କରି ଅଭିଯୋଗକାରୀଙ୍କୁ ସାମିଲ କରିବାକୁ ଏନଜିଟି ନିର୍ଦ୍ଦେଶ ଦେଇଥିଲେ। ଏହାପରେ କେନ୍ଦ୍ରୀୟ ଭୂତଳ ଜଳ ବୈଜ୍ଞାନିକ ସମ୍ବିତ ସାମନ୍ତରାୟ, ସମ୍ବଲପୁର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର କ୍ଷେତ୍ରୀୟ ଅଧିକାରୀ ସତ୍ୟପ୍ରକାଶ ନନ୍ଦ, ବୌଦ୍ଧ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ବୌଦ୍ଧ ତହସିଲଦାର ଲଗ୍ନଜିତ ବେହେରା, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନାଥ ହାଁସଦା, ଦହ୍ୟା ରାଜସ୍ୱ ନିରୀକ୍ଷକ ହମିଦ ମଲ୍ଲିକ ପ୍ରମୁଖ ତଦନ୍ତକାରୀ ଟିମରେ ସାମିଲ ହୋଇଥିଲେ। ଏମାନେ ଗୋଚର ଜମି ଚିହ୍ନଟ ସହ ଭୂତଳ ଜଳସ୍ତର ନିରୀକ୍ଷଣ କରିଥିଲେ। ପାଉଁଶ ପକା ଯାଇଥିବା ପଡ଼ିଆ ବୁଲି ଦେଖିବା ସହ ନିର୍ଗତ ବର୍ଜ୍ୟ ଜଳ ଯାଇଥିବା ନାଳ ତଥା ମିଲ୍‌କୁ ଆସୁଥିବା ଜଳ ଉତ୍ସର ତଦନ୍ତ କରିଥିଲେ।

## ନୂଆପଡ଼ାରେ ଜିଲ୍ଲା ଉନ୍ନୟନ ସମିତି ବୈଠକ

# 'ସମନ୍ୱୟ ରକ୍ଷାହେଲେ ଜିଲ୍ଲାର ଦ୍ରୁତ ବିକାଶ ହେବ'

ନୂଆପଡ଼ା, ୧୯।୨(ସମିସ)



ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଉନ୍ନୟନ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ପୂର୍ବକ ସାମଗ୍ରିକ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ପ୍ରତି ମାସ ବୈଠକ ଅନୁଷ୍ଠିତ ହେଉଛି। ପ୍ରାରମ୍ଭରେ ଜିଲ୍ଲାପାଳ ସମସ୍ତଙ୍କୁ ସ୍ୱାଗତ କରି ବୈଠକର ଗୁରୁତ୍ୱାରୋପ କରିଥିଲେ। ନୂଆପଡ଼ା ଜିଲ୍ଲା ବିଭିନ୍ନ କ୍ଷେତ୍ରରେ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛି। ସମସ୍ତ ଅଧିକାରୀଙ୍କ ସମ୍ମିଳିତ ଉଦ୍ୟମ ଜାରି ରହିଲେ ଆମେ ସମସ୍ତ ଆହୁରି ଅନେକ ବିଭାଗରେ ପ୍ରଥମ ସ୍ଥାନ ହାସଲ କରି ପାରିବା। ଜିଲ୍ଲା ଧାନ ଏବଂ କପା କିଣାରେ ଭଲ ସଫଳତା ହାସଲ କରିଛି। ମାଣ୍ଡିଆ କ୍ରୟ ପାଇଁ ମଧ୍ୟ ଏଭଳି ଉଦ୍ୟମ ଦରକାର ବୋଲି ଜିଲ୍ଲାପାଳ କହିଥିଲେ। ଜିଲ୍ଲାର ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ବାରମ୍ବାର ଗ୍ରାମାଞ୍ଚଳ ଗସ୍ତ କରି ଜନସାଧାରଣଙ୍କ ସୁବିଧା ଅସୁବିଧା ସମ୍ବନ୍ଧରେ ବୁଝି ଜିଲ୍ଲାପାଳଙ୍କୁ ଅବଗତ କରାଇବେ। ପ୍ରଶାସନ ଚଳଚଞ୍ଚଳ ଏବଂ ଗତିଶୀଳ ଅଛି ବୋଲି ଜନସାଧାରଣ ହୃଦବୋଧ କରିବା ଦରକାର ବୋଲି ସେ କହିଥିଲେ। ଉପ ନିର୍ଦ୍ଦେଶକ ପ୍ଲାନିଂ ପରିମଳ ସାମଲ ବିଗତ ବୈଠକର ବିବରଣୀ ପାଠ କରିଥିଲେ। ଗତ ମାସର ଉନ୍ନୟନ କାମର କେତେ ସମାଧାନ ହୋଇଛି ଜିଲ୍ଲାପାଳ ପ୍ରତିଟି ବିନ୍ଦୁ ଜାଣିବାକୁ ଚାହିଁଥିଲେ। ଆସନ୍ତା ମାସ ପାଇଁ ବିଭିନ୍ନ ବିଭାଗର ଲକ୍ଷ୍ୟ ପୂରଣ ସହିତ ଆଗାମୀ ପାଞ୍ଚ ବର୍ଷପାଇଁ ମାଷ୍ଟର ପ୍ଲାନ ପ୍ରସ୍ତୁତ କରିବା ପାଇଁ ଜିଲ୍ଲାପାଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆନ୍ତଃବିଭାଗୀୟ ବିସଂଗତି ଉପରେ ଆଲୋଚନା କରି ସେସବୁର ସମାଧାନର ରାସ୍ତା ବାହାର କରାଗଲା। ବିଭିନ୍ନ ଉନ୍ନୟନ କାର୍ଯ୍ୟନିର୍ବାହି ସଂସ୍ଥା ସେମାନଙ୍କ ସମସ୍ତ ଉନ୍ନତି ମୂଳକ କାମ ଠିକ୍ ସମୟରେ ସାରି ଉପଯୋଗ ପ୍ରମାଣପତ୍ର ଦେବା ପାଇଁ ଜିଲ୍ଲାପାଳ ତାଗିଦ କରିଥିଲେ। ବୈଠକରେ ପଞ୍ଚାୟତି ରାଜ, ରାଜସ୍ୱ, କୃଷି, ଉଦ୍ୟାନ କୃଷି, ମତ୍ସ୍ୟ, ଜଳସେଚନ, ରାସ୍ତା ଓ ଗୃହନିର୍ମାଣ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ଉଠା ଜଳସେଚନ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ, ପ୍ରାଣୀ ସମ୍ପଦ, ପରିବହନ, ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡ଼ା, ଜଙ୍ଗଲ, ଖଣି ଓ ଟୁରିଜମ ବିଭାଗର କାର୍ଯ୍ୟ ଉପରେ ସମୀକ୍ଷା ହୋଇଥିଲା। ବିଭିନ୍ନ ଜଳସେଚନ ପ୍ରକଳ୍ପ, କେନାଲ ଉନ୍ନତି କରଣ, ଅଣଧାନ ଫସଲ ଚାଷ, ଗ୍ରାମ୍ୟ ବିଦ୍ୟୁତ୍ କରଣ, ବିଭିନ୍ନ ବିଜ୍ଞାପିତ ଅଞ୍ଚଳର ସମସ୍ୟା, ବିଭିନ୍ନ ଶିକ୍ଷାନୁଷ୍ଠାନ, ଚିକିତ୍ସାଳୟ, ପ୍ରାଣୀ ଚିକିତ୍ସାଳୟମାନଙ୍କୁ ଜମିପଟ୍ଟା ଯୋଗାଇ ଦେବା ସହିତ ସେମାନଙ୍କର ନୂତନ କୋଠା ନିର୍ମାଣ ଇତ୍ୟାଦି ବିଷୟ ଉପରେ ବିଶଦ ଆଲୋଚନା ହୋଇଥିଲା। ଜିଲ୍ଲାରେ ମାଓବାଦୀ ଦମନ ପାଇଁ ରାସ୍ତା ଘାଟର ଉନ୍ନତି ସହିତ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଜନସାଧାରଣଙ୍କୁ ସମସ୍ତ ସୁବିଧା ସୁଯୋଗ ତୁରନ୍ତ ଯୋଗାଇ ଦେବା ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ। ସଭାରେ ଅତିରିକ୍ତ ଜିଲ୍ଲାପାଳ ଭୀମସେନ ଶବର, ସୁବାଷ ଚନ୍ଦ୍ର ରଇତ, ବନଖଣ୍ଡ ଅଧିକାରୀ ଅଜିଜ ଖାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ବନଖଣ୍ଡ ଅଧିକାରୀ ମହାଦେବ ବୁଡାଇକ, ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଧରଣୀଧର ସେନାପତି, ଏପିଡି ଯୋଗେଶ୍ୱର ଭୋଇ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ସମସ୍ତ ଅଧିକ୍ଷଣ ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀ ଏବଂ ଲାଇନ୍ ବିଭାଗ ଅଧିକାରୀ ଯୋଗଦେଇଥିଲେ।

## ■ ସମସ୍ୟା ଭିତରେ ବ୍ରାହ୍ମଣୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

# ବାରଣ୍ଡାରେ ଚାଲିଛି ଭବିଷ୍ୟତ ଗଢ଼ା



**ଶଗଡ଼ା, ୧୯ ।୨(ସମିସ):** ସରକାର ଶିକ୍ଷାର ଉନ୍ନତି ସହ ଭିତ୍ତିଭୂମିର ବିକାଶ ପାଇଁ ଅନେକ ଯୋଜନା ପ୍ରଣୟନ କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି; ହେଲେ ଆଜି ବି ଅନେକ ବିଦ୍ୟାଳୟରେ ଭିତ୍ତିଭୂମି ସହ ଶିକ୍ଷକଙ୍କ ଅଭାବ ରହିଥିବା ଦେଖିବାକୁ ମିଳିଛି। ବୌଦ୍ଧ ଜିଲ୍ଲା କଣ୍ଟାମାଲ ବ୍ଲକ ଖଟଖଟିଆ ପଞ୍ଚାୟତର ବ୍ରାହ୍ମଣୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏହାର ପ୍ରମାଣ ଦେଖିବାକୁ ମିଳିଛି।

**୩ ଶିକ୍ଷକଙ୍କ ଉପରେ ୮ ଶ୍ରେଣୀର ଭାର**

**ମାତ୍ର ୨ଟି କୋଠରି ଯୋଗୁଁ ଶିକ୍ଷାଦାନ ପ୍ରଭାବିତ**

**ଅସ୍ଥାୟୀ ଆଜବେଷ୍ଟସ ତଳେ ରୋଷେଇ**

**ପାଚେରି ନ ଥିବାରୁ ନିଶାସକ୍ତଙ୍କ ଆଡ୍ଡା ଜମୁଛି**

ଏଠାରେ ପ୍ରଥମ ଶ୍ରେଣୀରୁ ଅଷ୍ଟମ ପର୍ଯ୍ୟନ୍ତ ରହିଛି। ସ୍କୁଲରେ ୩ ଜଣ ଶିକ୍ଷକ ଅଛନ୍ତି। ୮୦ ଜଣ ଛାତ୍ର ଛାତ୍ରୀ ପାଠ ପଢୁଛନ୍ତି। ମାତ୍ର ୨ଟି କୋଠରି ରହିଛି। ଏଣୁ ସ୍କୁଲ ବାରଣ୍ଡାରେ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ଖରା, ବର୍ଷା, ଶୀତରେ ମଧ୍ୟ ଛାତ୍ରଛାତ୍ରୀ ବାରଣ୍ଡାରେ ପାଠ ପଢ଼ିବା ପାଇଁ ବାଧ୍ୟ ହେଉଛନ୍ତି। ଗୋଟିଏ ଶ୍ରେଣୀଗୃହରେ ୩ଟି ଶ୍ରେଣୀ ବସୁଛି। ଏଣୁ ପାଠ ପଢ଼ା ସମୟରେ ବ୍ୟାଘାତ ହେଉଛି। ଗୋଟିଏ ଶ୍ରେଣୀର ପିଲାଙ୍କୁ ପାଠ ପଢ଼ାଯିବା ସମୟରେ ଅନ୍ୟ ଶ୍ରେଣୀର ପିଲାମାନେ ଚୁପ୍ ରହୁଛନ୍ତି। ସେହିଭଳି ପାଚେରୀ ନାହିଁ। ଅସ୍ଥାୟୀ ତାର ବାଡ଼ ଡେଇଁ ଅସାମାଜିକ ବ୍ୟକ୍ତି ସ୍କୁଲ ଭିତରେ ପଶି ମଦ୍ୟପାନ କରୁଛନ୍ତି। ସେହିଭଳି ରୋଷଇ ଗୃହ ମଧ୍ୟ ନାହିଁ। ଏଣୁ ଶ୍ରେଣୀ ଗୃହରେ ଚାଉଳ ସହ ଅନ୍ୟାନ୍ୟ ରୋଷଇ ସାମଗ୍ରୀ ପଡ଼ି ରହିଛି। ଏକ ଅସ୍ଥାୟୀ ଆଜବେଷ୍ଟ ତଳେ ରୋଷେଇ ହେଉଛି। ତୁରନ୍ତ ସ୍କୁଲ ଶ୍ରେଣୀ ଗୃହ, ରୋଷଇ ଗୃହ ନିର୍ମାଣ ସହ ଆବଶ୍ୟକ ଶିକ୍ଷକ ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

